**ଆବାସ ଯୋଜନା ସମ୍ବନ୍ଧୀୟ ତାଲିମ ଶିବିର**

**ରିଷିଡ଼ା (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ଗ୍ରାମ ପଞ୍ଚାୟତଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜିତ ହୋଇଯାଇଛି।ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣା, ସରପଞ୍ଚ ସେବତୀ ରଣା, ନାଏବ ସରପଞ୍ଚ ନରେଶ କେଡ଼ିଆଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଓ ହିତାଧିକାରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ଗୋଲାମୁଣ୍ଡା, ୩।୧୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଧାମନପୁର ନିକଟରେ ବାଇକ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁହୁରା ଗ୍ରାମର ଦୁର୍ଯ୍ୟୋଧନ ବାଗ (୩୦)। ସୂଚନାକ୍ରମେ ସୋମବାର ବିଳମ୍ବିତ ରାତ୍ରିରେ ଦୁର୍ଯ୍ୟୋଧନ ଓ ସାଙ୍ଗ ଅରକ୍ଷିତ ବାଇକ୍‌ରେ କେଗାଁରୁ ଧାମନପୁର ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ସେଠାରେ ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୧୦/୨୪) ରୁଜୁ କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଛି।

### ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ମହୋତ୍ସବ

**ଖଡ଼ିଆଳ,୩।୧୨ (ସୁଜିତ କୁମାର ପ୍ରଧାନ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ତରଫରୁ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ଏଥିରେ ୫୦ ମହାବିଦ୍ୟାଳୟରୁ ପ୍ରାୟ ୨୫୦ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ନିବେଦିତା ନାଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ରଣବୀର ସିଂ ବିବରଣୀ ପ୍ରଦାନ କରିଥିଲେ। କୁଳପତି ଡ. ନାଥ ଓ ନିର୍ଦ୍ଦେଶକ ଡ. ବେହେରାଙ୍କୁ ମହାବିଦ୍ୟାଳୟ କ୍ରୀଡାସଂସଦ ତରଫରୁ ସମ୍ମାନ ଫଳକ ପ୍ରଦାନ କରାଯାଇଥିଲା। ମୋଟ ୧୫ ଗୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧାପିକା ରାଜଲକ୍ଷ୍ମୀ ରଥ, ଅଧାପକ ସୂର୍ଯ୍ୟକାନ୍ତ ଠାକୁର, ଅଧାପକ ତଥାଗତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### କମ୍ପାନୀ ଫାଟକ ଆଗରେ ବିସ୍ଥାପିତଙ୍କ ଧାରଣା

**ଲାଞ୍ଜିଗଡ଼,୩।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ଼ ନୂତନ ବିସ୍ଥାପିତଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନକୁ ନେଇ ମୁଖ୍ୟ ଫାଟକ ସାମ୍ନାରେ ମଙ୍ଗଳବାର ଧାରଣା ଦେଇଥିଲେ। ଏଥିରେ ରେଙ୍ଗପାଲି, ବନ୍ଦଗୁଡ଼ା, କୋଟଦୁଆରର ନୂତନ ବିସ୍ଥାପିତ ସାମିଲ ହୋଇଥିଲେ। ଅଭିଯୋଗକ୍ରମେ ବେଦାନ୍ତ କମ୍ପାନୀ ବିସ୍ଥାପିତ ଲୋକଙ୍କୁ ଚାକିରି ଦେଇଥିଲେ ସୁଦ୍ଧା ସେମାନଙ୍କୁ ଚାରି ମାସର ପ୍ରୋତ୍ସାହନ ରାଶି ଦେଇନାହିଁ। ଏହାକୁ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ବିସ୍ଥାପିତମାନେ ମୁଖ୍ୟ ଗେଟ ଆଗରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ବେଦାନ୍ତ କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏ ନେଇ ବେଦାନ୍ତ ଲୋକସମ୍ପର୍କ ବିଭାଗର ପରିମିତା ବୈଶ୍ୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ ରିସିଭ କରି ନ ଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସଙ୍କଟ



ଇନ୍ଦ୍ରାବତୀ ଜଳଭଣ୍ଡାର।

ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)

### ହେଉନି ସ୍ଥାୟୀ ସମାଧାନ, ଚାଷୀ ଅସନ୍ତୁଷ୍ଟ

ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନକରି ରାଜ୍ୟର ବିଦ୍ୟୁତ୍ ଆବଶ୍ୟକତା ପୂରଣକରିବା ସହ କଳାହାଣ୍ଡି ଜିଲାର ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷଜମିରେ ଜଳସେଚନ କରୁଛି। ବର୍ତ୍ତମାନ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜଳସ୍ତର କମିବାରେ ଲାଗିଛି। ଏହାର କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଜଳସେଚନ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆସନ୍ତା ରବିଚାଷ ପାଇଁ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ସୀମିତ ଅଞ୍ଚଳରେ ଜଳ ଯୋଗାଣ ନେଇ ନୋଟିସ ଜାରି କରାଯାଇଛି। ଏହାକୁ ଚାଷୀମାନେ ବିରୋଧ କରିଛନ୍ତି। ବର୍ତ୍ତମାନ ମଧ୍ୟ କେତେ ଅଞ୍ଚଳକୁ ପାଣି ଯୋଗାଣ ହେବ ସେ ନେଇ ବାଟ ଫିଟିନାହିଁ। ଏ ନେଇ ପ୍ରଶାସନ ଓ ଜଳସେଚନ ବିଭାଗର ତୁହାକୁ ତୁହା ବୈଠକ ହେବା ପରେ ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚପାରିନାହିଁ ଜଳସେଚନ ବିଭାଗ। କିନ୍ତୁ ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ହେଉଥିବା ପାଣି ସିଧା ହାତୀନଦୀକୁ ଛଡ଼ାହେଉଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।

ଗତ କିଛିବର୍ଷ ହେଲା ଲଗାତର ଭାବେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ଓ ସର୍ବନିମ୍ନ ଜଳସ୍ତର ୬୨୫ ମିଟର ଥିବାବେଳେ ବର୍ତ୍ତମାନ ୬୩୪.୫୦ ମିଟର ଜଳ ରହିଛି, ଯାହା ପୂର୍ବବର୍ଷ ୬୩୬.୧୪ମିଟର ରହିଥିଲା। ପୂର୍ବବର୍ଷ ତୁଳନାରେ ୧.୬୪ ମିଟର କମ୍ ଜଳ ସ୍ତରକୁ ନେଇ ୪୭,୫୭୪ ହେକ୍ଟର ଜଳ ଯୋଗାଣ ହେବ ବୋଲି ନିଷ୍ପତ୍ତି ନେଇଥିବା ବେଳେ ଉଠା ଜଳସେଚନରେ ଜଳ ଯୋଗାଣ ବନ୍ଦ ରହିବ ବୋଲି ନୋଟିସ ଜାରି ହୋଇଛି। ଯଦି ସବୁ ଅଞ୍ଚଳରେ ଜଳ ଯୋଗାଣ ହୁଏ ତେବେ ସର୍ବନିମ୍ନ ଜଳସ୍ତର ୬୨୫ ମିଟରରୁ ୬୨୭ ମିଟର ହୋଇ ଶୁଖିଲା ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣିଙ୍କୁ ପଚାରିବାରୁ ତାଙ୍କ ପାଖରେ ପାଣି ସଂରକ୍ଷଣ କରିବା ପାଇଁ ସାଧନ ନାହିଁ, ତେଣୁ କ'ଣ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଓଏଚ୍‌ପିସି ସିନିୟର ଜିଏମ୍ କହିଛନ୍ତି, ଏସ୍‌ଏଲ୍‌ଡିସି ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ତେଣୁ ବ୍ୟବହୃତ ପାଣିକୁ ଜଳସେଚନ ବନ୍ଦ ଥିବା ଯୋଗୁ ନଦୀରେ ଛାଡ଼ିଦେଉଛନ୍ତି।

## ଜଳସେଚନ ଦାବିରେ ଏନ୍‌ଏଚ୍ ଅବରୋଧ

କୋକସରା,୩।୧୨
(ଦୁଷ୍ମନ୍ତ କୁମାର ପାଟଯୋଷୀ)

ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର କମ୍ ଥିବା ଦର୍ଶାଇ ଇନ୍ଦ୍ରାବତୀ ମେଗାଲିଫ୍ଟ କର୍ତ୍ତୃପକ୍ଷ ରବି ଚାଷ ପାଇଁ ଜଳସେଚନ ବନ୍ଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦ କରିଛି ସଚେତନ କୃଷକ ମଞ୍ଚ। ମଞ୍ଚର କର୍ମକର୍ତ୍ତାଙ୍କ ସହ ହଜାର ସଂଖ୍ୟାରେ ଚାଷୀ ମଙ୍ଗଳବାର କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଛକରେ ୨୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଶେଷ କରି ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ଚାଷଜମିକୁ ଜଳସେଚନ ଦାବି କରିଥିଲେ ଆନ୍ଦୋଳନକାରୀ। ଏହା ଦ୍ୱାରା ଭବାନୀପାଟଣାରୁ ଜୟପୁର ଓ ମୁଖିଗୁଡା ମଧ୍ୟରେ ଯାତାୟାତ ଠପ ହୋଇଥିଲା। ତେବେ ପୋଲିସ ପକ୍ଷରୁ କାଲୋପଲା ଢ଼ାବା ଛକ ଓ ବୋବାରିଆ ଛକରୁ ଯାତ୍ରୀବାହୀ ବସ ଓ ଭାରିଯାନ ବାଇପାସ ଦେଇ ଯିବାଆସିବା ପାଇଁ ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଜିଲାପାଳ ଅଜିତ କୁମାର ଶବର, ଶ୍ରୀକାନ୍ତ ଶତପଥୀ, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଜୟପାଟଣା ତହସିଲଦାର ରଘୁନାଥ ମୁଣ୍ଡାରୀ, ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା,କୋକସରା ଥାନା ଅଧିକାରିଣୀ ସ୍ନିଗ୍ଧା ରାଣୀ ସୁନା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ଆଲୋଚନା କରିବା ସତ୍ତ୍ୱେ କୌଣସି ସମାଧାନ ବାହାରି ନଥିଲା। ଚାଷୀମାନେ ଜଳସେଚନ ଦାବିଜିଦରେ ଅଡ଼ି ବସିଥିଲେ। ସଚେତନ କୃଷକ ମଞ୍ଚ ପକ୍ଷରୁ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ନେତୃତ୍ୱରେ କୃଷକ ସଙ୍ଗଠନ ନେତା ଡାକେଶ୍ୱର ଲହଜଳ, ଦିଗମ୍ବର ଦୁରିଆ, ଜୟ ଜଗନ୍ନାଥ କୃଷକ ମଞ୍ଚ ଲଡୁଗାଁ ସଭାପତି ଦୁର୍ଗା ଅଗ୍ରୱାଲ, ସମ୍ପାଦକ ପଙ୍କଜ ମୁଖ ଚୌଧୁରୀ, ଜୟପାଟଣା ବ୍ଲକର ଚାଷୀନେତା ଟିକେଟନ ସାହୁ ସମେତ ଚାଷୀମାନେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଅପରାହ୍ନ ସାଢେ ୫ଟାରେ ଧର୍ମଗଡ ଉପ ଜିଲାପାଳ ଧୀମାନ ଚକମା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରେ ଥିବା ଚାଷୀନେତାଙ୍କ ସହ ଆଲୋଚନା କରି ଜଳସେଚନ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ଜଳସ୍ତର ନ ଥିବା କାରଣରୁ ଚଳିତ ବର୍ଷ ମେଗାଲିଫ୍ଟ କେନା ରେ ଜଳସେଚନ ବନ୍ଦ କରାଯାଇଛି। ଏଣୁ କୌଣସିମତେ ଜଳସେଚନ ସମ୍ଭବପର ନୁହେଁ। ଆପଣମାନେ ପ୍ରଶାସନ ସହିତ ସହଯୋଗ ରକ୍ଷା କରି ଆନ୍ଦୋଳନରୁ ନିବୃତ୍ତ ରହନ୍ତୁ ବୋଲି କହିଥିଲେ। ପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ।




ମୋଟେର ଛକରେ ଚାଷୀମାନେ ରାଜପଥ ଅବରୋଧ କରିଛନ୍ତି।




ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

## ପ୍ରକଳ୍ପ ପ୍ରଦର୍ଶନକଲେ ୯୧ ଛାତ୍ରୀଛାତ୍ର

ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)

### ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ପ୍ରତ୍ୟେକ ବିଷୟକୁ ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି। ଏହି ଅନୁସନ୍ଧିତ୍ସୁ ମନୋଭାବ ଦ୍ୱାରା ପ୍ରତ୍ୟେକ କାମକୁ ଆମେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିପାରିବା। ବୈଜ୍ଞାନିକ ଦୃଷ୍ଟିକୋଣରୁ ହିଁ ଆମେ ଏକ ସୁନ୍ଦର ପୃଥିବୀ ତିଆରି କରିପାରିବା ବୋଲି ଭବାନୀପାଟଣା ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କଳାହାଣ୍ଡି ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନିରନ୍ତର ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରସଙ୍ଗର ସାତଟି ଉପପ୍ରସଙ୍ଗ ଉପରେ ଜିଲାର ୧୩ ବ୍ଲକ୍‌ରୁ ୯୧ଜଣ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଅଧାପକ ଇମ୍ରାନ ଅହମ୍ମଦ ଖାଁ, ତ୍ରିନାଥ ବିଷୋଇ, ହର୍ଷିତା ପୁରୋହିତ ଓ ଅଭିଷେକ ପଟ୍ଟନାୟକ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଚୋପଦାର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ, ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶ୍ରେଷ୍ଠ ବିବେଚିତ ସାତଟି ପ୍ରକଳ୍ପ ମଧ୍ୟରେ ରିଷିଡା ହାଇସ୍କୁଲର ଅମନ ପ୍ରସାଦ ସାହୁ, ମାଣିକେଶ୍ୱରୀ ହାଇସ୍କୁଲର ଆଶୁତୋଷ ମେହେର, ମଶାଣିମୁଣ୍ଡା ଓଏଭିର ଶୁଭଲକ୍ଷ୍ମୀ ସାହୁ, ପୋଲିସ ହାଇସ୍କୁଲର ଓମ୍ ମହାନନ୍ଦ, ଚଞ୍ଚରାପଡ଼ା ଓଏଭିର ପ୍ରତ୍ୟୁଷ ନାଏକ, ମଦନପୁର ଓଏଭିର ଅଭିନବ ବିଶାଳ, ଚିକ୍ରାପଡ଼ା ହାଇସ୍କୁଲର ନବୀନ ସାହୁ ରାଜ୍ୟ ସ୍ତର ପାଇଁ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ। ଶିକ୍ଷକ ପ୍ରକାଶ ମିଶ୍ର, ଶିକ୍ଷୟିତ୍ରୀ ବର୍ଷାରାଣୀ ତ୍ରିପାଠୀ ଓ ଶାଶ୍ୱତୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମରେ ଆୟୋଜିତ ହଜିଯାଇଥିବା କୁଟୀର ଶିଳ୍ପ, ଫୁଡ୍ ଫେଷ୍ଟ, ବାଲୁକା ଶିଳ୍ପକଳା ପ୍ରଶଂସିତ ହୋଇଥିଲା।

### ବସ୍-କାର୍ ଧକ୍କା: ୨ ଗୁରୁତର

**ନର୍ଲା, ୩।୧୨ (ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା ଚାରିଛକ ନିକଟରେ ସୋମବାର ରାତିରେ ଏକ ବସ୍ ଓ କାର୍ ମଧ୍ୟରେ ଧକ୍କାହେବାରୁ ୨ ଯାତ୍ରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ୧୧ଟା ସମୟରେ ଗୋଲ୍ଡେନ ବସ୍ ବ୍ରହ୍ମପୁର ଯାଉଥିବା ବେଳେ ଚାରିଛକଠାରେ ଏକ କାର୍‌କୁ ଧକ୍କାଦେଇ ରାସ୍ତା ପୋଲରେ ବାଡ଼େଇ ହୋଇଥିଲା। ଦୁର୍ଘଟଣାରେ ବସ୍‌ର ଆଗପଟ ଓ କାର୍‌ର ପଛପଟ କାଚ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜିଯାଇଛି। ୨ଜଣଙ୍କୁ ଛାଡି ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଗୁରୁତର ୨ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଭର୍ତ୍ତି କରାଯାଇଛି। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

### ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର

**ନୂଆପଡ଼ା,୩।୧୨ (ମକାରୁ ବେମାଲ):** ଚେନ୍ନାଇରେ କାମ କରୁଥିବା ଜଣେ ଯୁବକ ଗାଁକୁ ଫେରୁଥିବା ବେଳେ ଟ୍ରେନ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ନୂଆପଡ଼ା ଜିଲା ବେଲଟୁକୁରି ଥାନା ସେନାଭଟା ଗାଁର ଧଞ୍ଜୁ ସତନାମି (୨୬)। ସୂଚନା ମୁତାବକ ଧଞ୍ଜୁ ପରିବାର ପ୍ରତିପୋଷଣ ପାଇଁ କିଛିମାସ ତଳେ ଚେନ୍ନାଇକୁ କାମ କରିବାକୁ ଯାଇ ମଙ୍ଗଳବାର ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ଚେନ୍ନାଇରୁ ଅନ୍ୟ ଟ୍ରେନରେ ଆସି ରାୟପୁରଠାରୁ ଦୁର୍ଗ-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସରେ ଖରିଆର ରୋଡ ଷ୍ଟେଶନରେ ଓହ୍ଲାଇବା ସମୟରେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ଆବାସ ଯୋଜନା ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର

ଥୁଆମୂଳ ରାମପୁର,୩।୧୨(ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ୍ ସଦର ମହକୁମାସ୍ଥିତ ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପ୍ରାଙ୍ଗଣରେ ମଙ୍ଗଳବାର ସରପଞ୍ଚ ବିଜୟା ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲି ମୁଖ୍ୟ ଅତିଥି ଓ ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ସାମାଜକ କର୍ମୀ ମାଣିକ୍ୟ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ରାଜେନ୍ଦ୍ର କୁମାର ଦେବ ଉପସ୍ଥିତ ସର୍ବସାଧାରଣଙ୍କୁ ଶିବିରର ଉଦ୍ଦେଶ୍ୟ ଓ ହିତାଧିକାରୀ କିଭଳି ଏହାର ସୁବିଧା ପାଇପାରିବେ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଅତିଥିମାନେ ମଧ୍ୟ ଏହା ଉପରେ ବକ୍ତବ୍ୟ ରଖିଥିଲେ।

## ମଣ୍ଡି ବୁଲି ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ମଣ୍ଡି ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

କଲମପୁର, ୩।୧୨(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକର ୧୫ ଗୋଟି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚଳିତ ମାସ ୨ ତାରିଖରୁ ଟୋକନ ମେସେଜ ଆସିସାରିଛି। ଟୋକନ ପାଇଥିବା ଚାଷୀମାନେ ଯେପରି ଶୃଙ୍ଖଳିତ ଭାବେ ଧାନ ବିକ୍ରି କରିପାରିବେ ସେଥିପାଇଁ ମଙ୍ଗଳବାର ଜିଲାପାଳ ପାୱାର ସଚିନ ପ୍ରକାଶ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ସେ ଦେପୁର ଓ ପରେ କଲମପୁର ମଣ୍ଡିରେ ପହଞ୍ଚିଥିଲେ। ଚାଷୀଙ୍କ ଧାନ ରଖିବା ପାଇଁ ଅସୁବିଧା ହେବା ସହିତ ସୋଲାର ଲାଇଟ ଅଚଳ ଅବସ୍ଥାରେ ଥିବା ଅଭିଯୋଗ ଉପରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ମରାମତି କରିବା ପାଇଁ କହିଥିଲେ। ପରେ ସେ ମଣ୍ଡଳ ଓ ବଡ଼କୁଟରୁ ମଣ୍ଡି ପରିଦର୍ଶନ କରି ଲାଇଟ, ୱେବ୍ରିଜ, ସିସି କ୍ୟାମେରା, ପାନୀୟ ଜଳ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଏହି ସମୟରେ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ, ତହସିଲଦାର ସ୍ୱର୍ଣ୍ଣିକା ଡୁଲ, ସିଡ଼ିପିଓ ନୀର୍ବାସିନି ଦେଇ, ଆର୍‌ଏମ୍‌ସି ସମ୍ପାଦକ ଭୁବନେଶ୍ୱର ବେହେରା, ଆରଆଇ ଅର୍ଚ୍ଚନା ସାହୁ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କୁ ବଦଳି ପରେ ଡେପୁଟେଶନ ନେଇ ଅସନ୍ତୋଷ

ଲାଞ୍ଜିଗଡ଼,୩।୧୨(ରମେଶ ଚନ୍ଦ୍ର ନାୟକ)

### ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଲାବ୍ ଟେକ୍ନିସିଆନଙ୍କ ବିରୋଧରେ ଛାତ୍ରୀଛାତ୍ର ବିଭିନ୍ନ ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ ଅଗଷ୍ଟ ୨୩ରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ସେମାନେ କଳାହାଣ୍ଡି ଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀ ଦୃଷ୍ଟିଦେବାକୁ ଦାବି କରିଥିଲେ। ଏହା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଏହାର ତଦନ୍ତକରି ଗତ ଅକ୍ଟୋବର ୨୮ରେ ଚିଠି ନଂ.୩୩୧୭ରେ ଲାବ୍ ଟେକ୍ନିସିଆନଙ୍କୁ ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସ୍କୁଲରୁ ଗୋପାଳପୁର ଏସ୍‌ଏସ୍‌ଡି ସ୍କୁଲକୁ ବଦଳି କରିଥିଲେ। ଏହାର ୧ ମାସ ପରେ ଜିଲା ମଙ୍ଗଳ ଅଧିକାରୀ ପୁଣି ନଭେମ୍ବର ୨୭ରେ ଚିଠି ନମ୍ବର ୩୬୯୪ରେ ଲାବ୍ ଟେକ୍ନିସିଆନଙ୍କୁ ଗୋପାଳପୁର ଏସ୍‌ଏସ୍‌ଡି ସ୍କୁଲକୁ ଡେପୁଟେଶନ କରାଯାଉଛି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ପ୍ରଥମେ ବଦଳି ଓ ମାସକ ପରେ ଡେପୁଟେଶନ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତା'ହେଲେ ଲାଞ୍ଜିଗଡ଼ ପ୍ରେସ୍ କ୍ଲବ, ଲାଞ୍ଜିଗଡ଼ ଯୁବକ ସଂଘ, ଅଭିଭାବକମାନେ ଜିଲାପାଳଙ୍କୁ ସାକ୍ଷାତକରିବା ସହ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ରାୟଙ୍କୁ ପଚାରିବାରୁ ସେ କହିଥିଲେ, ଲାବ୍ ଟେକ୍ନିସିଆନଙ୍କୁ ପ୍ରଥମେ ଗୋପାଳପୁର ଏସ୍‌ଏସ୍‌ଡି ସ୍କୁଲକୁ ବଦଳି ପାଇଁ ଚିଠି କରାଯାଇଥିଲା। କିନ୍ତୁ ସେଠାରେ ଲାବ୍ ଟେକ୍ନିସିଆନ ପୋଷ୍ଟ ନ ଥିବା ହେତୁ ତାଙ୍କ ଦରମା ପାଇବାରେ ଅସୁବିଧା ହେଲା। ସେଥିପାଇଁ ପୁଣି ଡେପୁଟେଶନ ପାଇଁ ଦ୍ୱିତୀୟ ଚିଠି କରାଗଲା। ସେ ଗୋପାଳପୁରରେ ଡ୍ୟୁଟି କରିବେ ଏବଂ ଲାଞ୍ଜିଗଡ଼ରୁ ଦରମା ପାଇବେ। କିନ୍ତୁ ତାଙ୍କୁ ଆଉ ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସ୍କୁଲକୁ ଅଣାଯିବ ନାହିଁ ବୋଲି ପ୍ରକାଶ କରିଥିଲେ।

## ଭିନ୍ନକ୍ଷମ ସମାଜରେ ଅଲୋଡ଼ା ନୁହନ୍ତି

ନୂଆପଡ଼ା,୩।୧୨ (ମକାରୁ ବେମାଲ)



ବିଭିନ୍ନ ସହାୟତା ପାଇଁ ଭିନ୍ନକ୍ଷମଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ନୂଆପଡ଼ା ସଦର ମହକୁମାସ୍ଥିତ ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଜିଲା ସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଦିବ୍ୟାଙ୍ଗ ଓ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।ଅତିରିକ୍ତ ଜିଲାପାଳ ସୁଭାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଭିନ୍ନକ୍ଷମମାନେ ସମାଜରେ ଅଲୋଡା ନୁହନ୍ତି। ସର୍ବଭାରତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ସେମାନେ ନିଜ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି ଅତିଥିମାନେ କହିଥିଲେ। ସମାରୋହରେ ୫ ଭିନ୍ନକ୍ଷମ ଦମ୍ପତିଙ୍କୁ ଅଢେଇ ଲକ୍ଷ ଲେଖାଏ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ୫ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସନ୍ତାନ ମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିଲା। ୬ ଜଣ ଭିନ୍ନକ୍ଷମଙ୍କୁ ରୋଜଗାର ପାଇଁ ମାଗଣାରେ ଜେରକ୍ସ ମେଶିନ ୯ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ଦିଆଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ ସ୍ୱାଗତ ସମ୍ଭାଷଣ ସହ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ।

### ୬ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା,୩।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଜୋରାଡବରା ପ୍ରାଥମିକ କୃଷି ସମବାୟ ସମିତିଜରିଆରେ ସୋମବାର ୬ଟିସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଓ ତହସିଲଦାର ଅରୁଣ ବର୍ଗେ, ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଦେବରାଜ ରଣା, ଭବାନୀପାଟଣା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ମଧୁସୂଦନ ମେହେର, କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାତରା, ରେଗଡ଼ା, ବିଜାପାଟି, ଖଲିଆପାଲି, ଭଟାପଲା, ଜୋରାଡବରା ଆଦି ସ୍ଥାନରେ ମଣ୍ଡି ଉଦ୍‌ଘାଟନ କରିଥିଲେ। ଭଟାପଲାଠାରେ ଆୟୋଜିତ ସଭାକୁ କୃଷକ ନେତା କ୍ଷୀର ସାଗର କୁମାର ସଂଯୋଜନା କରିଥିଲେ। ଏହି ୬ ମଣ୍ଡିରେ ଧାନ ବିକ୍ରି ପାଇଁ ୨୬୮୦ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି।

## ମା' ସୁରେଶ୍ୱରୀଙ୍କ ଦାନବାକ୍ସରୁ ମିଳିଲା ୨.୫୭ଲକ୍ଷ ଟଙ୍କା

ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ଦାନ ବାକ୍ସ(ହୁଣ୍ଡି) ମଙ୍ଗଳବାର ଖୋଲାଯାଇଛି। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟାରୂପା ରଥଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍‌ଙ୍କ ଉପସ୍ଥିତିରେ ହୁଣ୍ଡି ତାଲା ଖୋଲାଯାଇ ଟଙ୍କା ଗଣତି କରାଯାଇଥିଲା। ଗଣତି ପରେ ସମୁଦାୟ ୨ ଲକ୍ଷ ୫୭ ହଜାର ଟଙ୍କା ମିଳିଛି। ତେବେ ଅନେକ ଦିନ ପରେ ଗଣତି ହୋଇଥିବାରୁ ୫ ରୁ ୭ ହଜାର କଏନ ଟଙ୍କାରେ କଳଙ୍କି ଲାଗି ଯାଇଛି, ସେହିପରି ଆଉ କିଛି ଧୂପ ପଡି ନଷ୍ଟ ହୋଇଯାଇଛି। ଗଣତି ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଡେପୁଟି କଲେକ୍ଟର ଅଜିତ ତ୍ରିପାଠୀ, ଷ୍ଟେନୋ ସଞ୍ଜିବ ମଲ୍ଲିକ, ଦେବୋତ୍ତର କମିଟି ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠନାଥ ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ପୂଜକ ଅଚ୍ୟୁତ ପୂଜାହାରୀ ଓ ଅଜିତ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ଆହ୍ୱାନ




ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

### ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନୂତନ ଟାଉନ ହଲଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ଜିଲାର ବିଭିନ୍ନ ବିଦ୍ୟାଳୟ ସମେତ ଭିନ୍ନକ୍ଷମ ବିଦ୍ୟାଳୟ, ଏନ୍‌ସିସି କ୍ୟାଡେଟ୍ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଜିଲା ପରିଷଦ ସଭାଗୃହ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଏହି ପଦଯାତ୍ରାକୁ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ପରେ ଟାଉନ ହଲଠାରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ଅର୍ଜୁନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି କେବେ ବି ସାଧାରଣ ନୁହନ୍ତି, ସେମାନେ ଅସାଧାରଣ। ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଠେଲା କହିଥିଲେ।

ସମ୍ମାନିତ ଅତିଥିଭାବେ ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର କୁମାର ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲା ଭିନ୍ନକ୍ଷମ ଅଭିଭାବକ ସଂଘର ହରିପ୍ରିୟା ପାଣିଗ୍ରାହୀ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଯୋଗଦାନ କରି ଭିନ୍ନକ୍ଷମଙ୍କୁ ଦୟା ନୁହଁ, ଆଦର ଓ ସମ୍ମାନ ମିଳିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଭିନ୍ନକ୍ଷମ ବିଦ୍ୟାଳୟ ଓ ଶିକ୍ଷା ବିଭାଗ ଅଧିନ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୩ଟି ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୬୯ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ପରେ ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଭିନ୍ନକ୍ଷମ ସ୍ୱତନ୍ତ୍ର ପୁନର୍ବାସ ଥଇଥାନ କେନ୍ଦ୍ରର ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ସଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର ବ୍ଲକ କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ ବିଦ୍ୟାଳୟ, ତରଭା ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ, ଏନ୍‌ଆରଡିସିର ପାଣିସିଆଲି ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର, ରେଆରର କର୍ମକର୍ତ୍ତା, ଡୁଙ୍ଗୁରିପାଲି ଭିମଭୋଇ ଭିନ୍ନକ୍ଷମ ସଂଘ ଓ ଭିନ୍ନକ୍ଷମ ଅଭିଭାବକ ସଂଘ ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭାକୁ ସଂଯୋଜନା କରିଥିଲେ। ଡୁଙ୍ଗୁରିପାଲି ବିଏସଏସଓ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ୩୦ ଦିନ ହେଲା ପାଇପ୍ ଜଳଯୋଗାଣ ବନ୍ଦ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

### ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଅମରପାଲି,୩।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ସଦର ଗ୍ରାମରେ ଗତ ୩୦ଦିନ ହେଲା ବନ୍ଦ ରହିଛି ପାନୀୟ ଜଳ ଯୋଗାଣ। ଫଳରେ ପାଣି ପାଇଁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ଗ୍ରାମବାସୀ ଏ ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ସମସ୍ୟାର ସମାଧାନ ଦାବି କରିଛନ୍ତି। ୪ଓ୍ୱାର୍ଡ ବିଶିଷ୍ଟ ଖଣ୍ଡହତା ଗ୍ରାମରେ ପ୍ରାୟ ୩୫ଶହ ଲୋକେ ବସବାସ କରନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ୩ ବର୍ଷ ତଳେ ଗ୍ରାମରେ ଏକ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ଯୋଗୁ ଗ୍ରାମର ପାନୀୟ ଜଳ ସମସ୍ୟା ଦୂର ହୋଇଥିଲା। ମାତ୍ର ଗତ ୧ମାସ ହେବ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମରେ ଥିବା ନଳକୂପଗୁଡ଼ିକରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଛି। ଅନ୍ୟୋନୋପାୟ ହୋଇ ଗ୍ରାମବାସୀ ପାଣି ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ଏଣୁ ଗ୍ରାମର ଉକ୍ତ ପ୍ରକଳ୍ପ କୁ ମରାମତି କରି ତୁରନ୍ତ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଗ୍ରାମର ଚମ୍ପେଶ୍ୱର ସେଠୀ, ରଘୁମଣୀ ମେହେର, ସୁଜିତ ପ୍ରଧାନ, ରବିନ୍ଦ୍ର ମେହେର, ବିଦ୍ୟାଧର ସାହୁ, ମନୋରଞ୍ଜନ ମେହେର ପ୍ରମୁଖଙ୍କ ଦସ୍ତଖତ ଥିବା ଦାବିପତ୍ର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ପରେ ବିଡ଼ିଓ ତୁରନ୍ତ ଏହି ପ୍ରକଳ୍ପକୁ ମରାମତି କରି ଜଳ ଯୋଗାଣ ଯଥାଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଭିନ୍ନକ୍ଷମ ଦିବସରେ ବାହାରିଲା ସଚେତନତା ରାଲି

ଅମରପାଲି,୩।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଟାଙ୍ଗରସାହି ୟୁ.ପି. ସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ବାଞ୍ଛାନିଧି ମିଶ୍ର, ସିଆରସିସି ନାରାୟଣ ବେହେରା, ଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଗୀତ, ପୁଚି ଖେଳ, ମ୍ୟୁଜିକ ଚେୟାର ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବିଆରଟି ଦିଲ୍ଲୀପ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଙ୍ଗୀତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ଆଇଇଭି ନୀଳକାନ୍ତ ମିଶ୍ର, ନେପାଳ ଭୋଇ ସହଯୋଗ କରିଥିଲେ।

## ପ୍ରଜ୍ଞା, ଶଙ୍କରଙ୍କ କମେଡିର ମଜାନେଲେ ଦର୍ଶକ



ମହୋତ୍ସବର ପଞ୍ଚମ ସନ୍ଧ୍ୟାର ଅତିଥି।

### ଚତୁର୍ଥ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ପଞ୍ଚମ ସନ୍ଧ୍ୟା

ହରଭଙ୍ଗା,୩।୧୨ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକଠାରେ ଚାଲିଥିବା ଚତୁର୍ଥ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। ଭୈରବୀ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହୋତ୍ସବ କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ସମ୍ମାନିତ ଅତିଥି ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ସହକାରୀ ଜିଲାପାଳ ସୁଦାମ ଚରଣ ସ୍ୱାଇଁ ମଞ୍ଚାସୀନ ଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟି ଥିଲେ କମେଡିଆନ ପ୍ରଜ୍ଞା ଓ ଶଙ୍କର। ଶୀତୁଆ ସନ୍ଧ୍ୟାରେ ପ୍ରଜ୍ଞା ଓ ଶଙ୍କରଙ୍କ କମେଡିର ଭରପୁର ମଜା ଉଠାଇଥିଲେ ଦର୍ଶକ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟ୍ଟନାୟକ, ଉପସଭାପତି ସରୋଜ ପ୍ରଧାନ, ସହ ସମ୍ପାଦକ ସୁବାସ ପ୍ରଧାନ, କୃଷ୍ଣ ସେଠୀ, ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ସତୀଶ ବେହେରା, କୈଳାସ ଅଗ୍ରୱାଲ, ମନୋଜ ପାଢୀ, ବିଜୟ କହଁର, ଅକ୍ରୁର ସେଠୀ, ଅମୂଲ୍ୟ ମିଶ୍ର, ବିକାଶ ମିଶ୍ର ଉପସ୍ଥିତ ଥିଲେ।

## ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ବିନିକା, ୩।୧୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କନିଷ୍ଠ ମହାବିଦ୍ୟାଳୟରେ ଦୁଇଦିନ ଧରି ପାଳନ ହେବାକୁଥିବା ବିଶ୍ୱ ଏଡ଼ସ ଦିବସ ମଙ୍ଗଳବାର ଅଧକ୍ଷା ଡ ରେଖା ପଧାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲା ଯୁବ ରେଡକ୍ରସ ସଂଯୋଜକ ବିଶନାଥ ମିଶ୍ର, ମୁଖ୍ୟବକ୍ତା ଅଧ୍ୟାପକ ଝଲକ କୁମାର୍ ମିଶ୍ର, ସମ୍ମାନିତ ଅତିଥି ଅଧ୍ୟାପକ ଝାସକେତନ ମେହେର, ରୋହିତ ଧରୁଆ, ଯୁବ ରେଡକ୍ରସ ପରାମର୍ଶଦାତା ଧନେଶର ସାହୁ ଯୋଗଦେଇଥିଲେ। ମହାମାରୀ ଏଡ୍‌ସର ମୂଳୋତ୍ପାଟନ ଓ ତାର ପ୍ରତିକାର ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଅଧ୍ୟାପକ ମନୀଷ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଏଡ୍‌ସ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥି।

## ସାମାଜିକ କର୍ମୀ ପ୍ରମୋଦ ଗୁରୁଙ୍କୁ ସମ୍ବର୍ଦ୍ଧନା



ପ୍ରମୋଦ ଗୁରୁଙ୍କୁ ପାଛୋଟି ନିଆଯାଉଛି।

ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ଉଲୁଣ୍ଡା ବ୍ଲକ ବିକାଶ ପରିଷଦ ଓ ଜିଲା କୃଷକ ସଙ୍ଗଠନ ପକ୍ଷରୁ ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ପ୍ରମୋଦ ଗୁରୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରମୋଦ ଗତ ୩୭ ବର୍ଷ ଧରି ସରକାରୀ ଚାକିରି କରୁଥିଲେ। ସେ ସାଧାରଣ ଲୋକଙ୍କ ସେବା ସହ ହିକୁଡି ଓ ଆଖପାଖ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ଶନିବାର ଚାକିରିରୁ ଅବସର ଗ୍ରହଣ କରିଥିଲେ। ସୋମବାର ଜନ୍ମମାଟି ହିକୁଡିରେ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏଥିରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଉଲୁଣ୍ଡା ବ୍ଲକ ବିକାଶ ପରିଷଦ ସଭାପତି ଗିରିଶ କୁମାର ଦାଶ, ସାଧାରଣ ସମ୍ପାଦକ ହରିହର କର୍ଣ୍ଣ, ଜିଲା କୃଷକ ସଙ୍ଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଉଲୁଣ୍ଡା ବ୍ଲକ କୃଷକ ସଙ୍ଗଠନ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ ଶୁଭ୍ରାଂଶୁ ଶେଖର ମିଶ୍ର, ମୁଣ୍ଡୋଘାଟ ସରପଞ୍ଚ କେଶବ ଜଗଦଲା, ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା, କୃଷକ ନେତା ଗୋବିନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରମୋଦଙ୍କ ଅବସରକାଳୀନ ଜୀବନର ଶୁଭକାମନା ଜଣାଇଥିଲେ।

## ଶ୍ରୀତମ ଷାଣ୍ଢ ଚାମ୍ପିୟନ

### ବୀରମହାରାଜପୁର ବାଳକ ହାଇସ୍କୁଲ ବାର୍ଷିକ କ୍ରୀଡ଼ା

ଅମରପାଲି,୩।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରମାନେ ଦୁର୍ଗା ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ଅଣାଯିବା ପରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାରେ ୧୦୦ ମି, ୨୦୦ ମି, ୪୦୦ ମି, ୮୦୦ ମି ଓ ୧୫୦୦ମି ଦୌଡ଼ ସହ ଲମ୍ଫଡିଆଁ, ଉଚ୍ଚଡିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ମ୍ୟୁଜିକ ଚେୟାର, କୌତୁକ ବେଶ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସମ୍ମାନୀତ ଅତିଥି ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର, ପୂର୍ବତନ ଖେଳ ଶିକ୍ଷକ କୈଳାସ ସ୍ୱାଇଁ, ମୁଖ୍ୟବକ୍ତାଭାବେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଭୂଷଣ କୁମାର ପାତ୍ର ଯୋଗଦେଇଥିଲେ। ଅତିଥିମାନେ ସୁସ୍ଥ ମନ ପାଇଁ ସୁସ୍ଥ ଶରୀରର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଖେଳରେ ୧୨୦ଜଣ ଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଶ୍ରୀତମ ଷାଣ୍ଢ ଚାମ୍ପିୟନ ହୋଇଥିଲେ।



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

## ଧବଳେଶ୍ୱର ପ୍ରିମିୟର ଲିଗ୍: ଭିକ୍ଟୋର ଦଳ ଚାମ୍ପିୟନ



ଅତିଥି ଗହଣରେ ଖେଳାଳି।

ଖୁଣ୍ଟିଗୋରା,୩।୧୨ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ମକର ଖେଳପଡ଼ିଆଠାରେ ଧବଳେଶ୍ୱର ପ୍ରିମିୟର ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଜୟ ଜଗନ୍ନାଥ ଭିକ୍ଟୋର ଦଳ ଓ ମହାକାଳ ଏକ୍ସଆଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥରେ ମହାକାଳ ଏକ୍ସଆଇ ଦଳକୁ ହରାଇ ଜୟ ଜଗନ୍ନାଥ ଭିକ୍ଟୋର ଦଳ ଚାମ୍ପିୟନ ହୋଇଥିଲା। ଆଲୋକ ସାହୁ ଓ ସନ୍ତୋଷ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ପ୍ରଦୀପ ଭୋଇ ସ୍କୋର୍ ଦାୟିତ୍ୱ ତୁଲାଇ ଥିଲେ। ପବିତ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ କଣ୍ଟାମାଳ ପୂର୍ବତନ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ। ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ , ଆଦିବାସୀ ନେତା ପୀତାମ୍ବର ଭୋଇ, ବଳରାମ ଦାସ, ଅଭିରାମ ରଣା, ଧିରୋଜ ଭୋଇ, ରୀତିବନ୍ତ ସାହୁ, ମନୋଜ ଦାସ, ନିରୋଜ ସାହୁ, ବନବିହାରୀ ଭୋଇ, ନରେନ୍ଦ୍ର ସାହୁ, ସତ୍ୟନାରାୟଣ ମାଝୀ, ସୁବୋଧ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ: ରାସ୍ତାରୋକୋ

ମନମୁଣ୍ଡା/କଣ୍ଟାମାଳ,୩।୧୨ (ବେଣୁଧର ପଧାନ/ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା କସୁରବନ୍ଧ-ମସିଣାପଡା ରାସ୍ତାରେ ମଙ୍ଗଳବାର ସକାଳେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥରେ ମୃତଦେହ ରଖି ଦୀର୍ଘ ୭ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଏହାଛଡା ମନମୁଣ୍ଡା ଥାନା ଘେରାଉ କରିଥିଲେ। ବୀରମହାରାଜପୁର ଥାନା ଗଉରକେଲାର ପ୍ରକାଶ ଜଗଦଲା କସୁରବନ୍ଧ ଅଞ୍ଚଳର ସମ୍ପର୍କୀୟ ଭାଇଙ୍କ ଘରୁ ସକାଳେନିଜ ଗାଁକୁ ବାଇକ୍ ଯୋଗେ ଫେରୁଥିଲେ। କସୁରବନ୍ଧ-ମସିଣାପଡା ରାସ୍ତାରେ ପ୍ରକାଶଙ୍କୁ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସ , ଦମକଳ ବାହିନୀ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ କେହି ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ଉତ୍ୟକ୍ତ ଲୋକେ ମୃତଦେହ ମସିଣାପଡା ଛକକୁ ଆଣି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ବୌଦ୍ଧ ବିଡିଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ହଟିଥିଲା। ପରେ ଆନ୍ଦୋଳନକାରୀମାନେ ଦୁର୍ଘଟଣା ଘଟାଇ ଥିବା ଗାଡିକୁ ଚିହ୍ନଟ କରିବା ଓ ଅଧିକ କ୍ଷତପୂରଣ ଦାବିରେ ମନମୁଣ୍ଡା ଥାନା ଘେରାଉ କରିଥିଲେ। ପୁଣି ସନ୍ଧ୍ୟାରେ ମନମୁଣ୍ଡା ବ୍ରିଜ ଛକଠାରେ ଆନ୍ଦୋଳନକାରୀମାନେ ମୃତଦେହ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀମାନେ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଲୋକମାନେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଧାନକିଣାରେ ଚାଷୀଙ୍କ ସ୍ୱାର୍ଥ ଆଗ : ମହେଶ୍ୱର

ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ମୋହନ ମାଝୀଙ୍କ ସରକାର ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସିଛି। ନିର୍ବାଚନ ପ୍ରତିଶୃତି ଅନୁଯାୟୀ ମନ୍ତ୍ରୀମଣ୍ଡଳ ଶପଥ ପାଠର ମାତ୍ର ୧ଘଣ୍ଟା ମଧ୍ୟରେ ଧାନ କୁଇଣ୍ଟାଲ ୩୧୦୦ଟଙ୍କା ପାଇଁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଗତ ବଜେଟ୍‌ରେ ଏଥିପାଇଁ ଅର୍ଥର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ତଥା ତଳ ମୁଣ୍ଡରେ ପାଣି ପହଞ୍ଚିବା ପାଇଁ ବଜେଟ୍‌ରେ ୮୫୫କୋଟି ଟଙ୍କା ଘୋଷଣା କରିଛନ୍ତି। ଏହି ଅନୁଦାନରେ ହୀରାକୁଦ କେନାଲର ଉନ୍ନତିକରଣ କରାଯିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ସୋନପୁରଠାରେ ଏକ ଖବରଦାତା ସମ୍ମିଳନୀରେ ସାହୁ କହିଛନ୍ତି, ମଣ୍ଡି ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ସେ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଖାଦ୍ୟ ଶସ୍ୟ ଓ ପନିପରିବା ସଂରକ୍ଷଣ ପାଇଁ ରାଜ୍ୟର ସମସ୍ତ ୫୮ ଉପଖଣ୍ଡରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ଏଥିପାଇଁ ସରକାରୀସ୍ତରରେ କାର୍ଯ୍ୟ ଆରମ୍ଭ ହେଲାଣି। ଆସନ୍ତା ୧୦ ତାରିଖରୁ ସୁବର୍ଣ୍ଣପୁର ଜିଲାରେ ଧାନ କିଣା ଆରମ୍ଭ ହେବ। ନୂତନ ଭାଜପା ସରକାର ଚାଷୀଙ୍କ ହିତ ପାଇଁ କାମ କରୁଛି। ନବୀନ ପଟ୍ଟନାୟକ ୨୦୧୭ରେ ବରଗଡର ସୋହେଲା ଚାଷୀ ସମାବେଶରେ ଧାନ କୁଇଣ୍ଟାଲ ପ୍ରତି ୧୦୦ଟଙ୍କା ବୋନସ ଦେବେ ବୋଲି ଘୋଷଣା କରିଥିଲେ। ତେବେ ୨୦୨୪ ପର୍ଯ୍ୟନ୍ତ ସେ ତାଙ୍କ ଘୋଷଣାକୁ କାର୍ଯ୍ୟକାରୀ କରି ନ ଥିଲେ। ମୋହନ ସରକାର ଚାଷୀକୁ କୁଇଣ୍ଟାଲ ପ୍ରତି ଅତିରିକ୍ତ ୮୦୦ଟଙ୍କା ବୋନସ ଦେବ। ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବ। ଧାନକୁ ଭଲ ଭାବେ ଶୁଖାଇ ମଣ୍ଡିକୁ ଆଣିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ବିନା କଟ୍‌ନିରେ ଚାଷୀ ଚଳିତ ଥର ମଣ୍ଡିରେ ଧାନ ବିକ୍ରିକରିବେ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ତେବେ ବିରୋଧି ଚାଷୀଙ୍କୁ ଏଫ୍ଏକ୍ୟୁ ଆଳ ଦେଖାଇ ବିଭ୍ରାନ୍ତି କରିବାକୁ ଚେଷ୍ଟା କରୁଛନ୍ତି। ମଣ୍ଡିରେ ଗ୍ରେନ ଆନାଲାଇଜର, କ୍ୱାଲିଟି ଆନାଲିଷ୍ଟ ଓ ମଣ୍ଡି ସୁପରଭାଇଜର ରହିବ। ପୂର୍ବ ଭଳି ମିଲର୍ସଙ୍କୁ ନିଜ ମର୍ଜିରେ ଧାନ କିଣିବାକୁ ଦିଆ ଯିବନାହିଁ। ଏପରିକି ମଣ୍ଡି ଗୁଡିକୁ କୃଷକ ମୋର୍ଚ୍ଚାର ଟିମ୍ ଜଗିବେ, ଏଥିପାଇଁ ପାର୍ଟି ଅଫିସରେ ମଙ୍ଗଳବାର ଏକ କର୍ମଶାଳା ଆୟୋଜିତ ହୋଇଥିଲା ବୋଲି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ପୁଳିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜକିଶୋର ମେଣ୍ଡିଲି, ଅଶୋକ କୁମାର ପୃଷ୍ଟି, ଶିବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଉଛନ୍ତି।

## ରାଉରକେଲା ଭାଇବ୍ରାଣ୍ଟର ସାମାଜିକ କାର୍ଯ୍ୟକ୍ରମ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ପକ୍ଷରୁ ସେକ୍ଟର-୨୨ ସ୍ଥିତ ଦିବ୍ୟାଙ୍ଗଙ୍କ ଅନୁଷ୍ଠାନ 'ଆଶା'ରେ ଅନ୍ତେବାସୀଙ୍କ ପାଇଁ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଅନୁଷ୍ଠାନକୁ ଏକ ୱାଟର ପ୍ୟୁରିଫାୟାର, ଦୁଇଟି କାନ୍ଥ ଘଣ୍ଟା, ମାଇକ ସେଟ୍ ସହ ଚକୋଲେଟ୍ ଓ ବିସ୍କୁଟ ବିତରଣ କରାଯାଇଛି। ରୋଟାରିଆନ ଡକ୍ଟର ସଂଯୁକ୍ତା ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ସଭାପତି ପ୍ରଶାନ୍ତ ରଞ୍ଜନ ପାତ୍ର, ସାଧାରଣ ସମ୍ପାଦକ ବସନ୍ତ କୁମାର ତନ୍ତୀ, ଅର୍ଚ୍ଚନା ଦେବତା, ଅନିତା ନାୟକ, ବିଜୟଲକ୍ଷ୍ମୀ ତ୍ରିପାଠୀ, ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିବା ସହ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଆଶା ଅନୁଷ୍ଠାନର ଝେଲମ ପ୍ରଭା ରଞ୍ଜିତରାୟ, ସୁକୁରମଣି ପାତ୍ର, ସୁଷମା ଲାକ୍ରା, ବବିତା ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ରୋଟାରିଆନ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅନ୍ତେବାସୀଙ୍କ ଗହଣରେ ରୋଟାରୀ କ୍ଲବର କର୍ମକର୍ତ୍ତା।



ଆରଡିଏ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବସ୍ତି ଉଚ୍ଛେଦକୁ ବିରୋଧ କରି ବିକ୍ଷୋଭ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ଦାବିରେ ରାଉରକେଲା ମାନଟୋଲା ବସ୍ତିବାସୀ ଉଦିତନଗର ସ୍ଥିତ ଆରଡିଏ କାର୍ଯ୍ୟାଳୟ ଓ ଆରଏମ୍‌ସି ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭରେ ମାନଟୋଲା ବସ୍ତିବାସୀଙ୍କ ସମେତ କେନ୍ଦ୍ରୀୟ ମାନବ ଅଧିକାର ସଙ୍ଗଠନ ଓ ପଶ୍ଚିମ ଓଡ଼ିଶା ବିକାଶ ସେବା ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇ ବସ୍ତିବାସୀଙ୍କୁ ପ୍ରଥମେ ଥଇଥାନ କରିବାକୁ ଦାବି କରିଥିଲେ।

ମାନଟୋଲା ବସ୍ତିରେ ୨ଶହରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଉକ୍ତ ବସ୍ତି ଉଚ୍ଛେଦ ପାଇଁ ଆର୍‌ଡିଏ ପକ୍ଷରୁ ଆସନ୍ତା ଏକ ମାସ ଭିତରେ ବସ୍ତି ଖାଲି କରିବାକୁ ନୋଟିସ କରାଯାଇଛି। ମାନଟୋଲା ବସ୍ତିରେ ଦୀର୍ଘ ବର୍ଷ ଧରି ସେମାନେ ରହି ଆସୁଥିବାବେଳେ ସେମାନଙ୍କୁ ଜାଗା ମିଶନ ଯୋଜନା ଅନ୍ତର୍ଗତ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ପାଖରେ ଘର ପ୍ରଦାନ କରାଯାଇଛି। ଏହି ଘର ବାବଦକୁ ପ୍ରଥମେ ୧୫ ହଜାର ଟଙ୍କା ସିକ୍ୟୁରିଟି ପୈଠ କରିବା ପରେ ଦେଢ଼ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ବସ୍ତିବାସୀଙ୍କୁ କୁହାଯାଇଛି। ମାତ୍ର ବସ୍ତିବାସ୍ତୀ ଦୀର୍ଘ ଦିନ ଧରି ଏହି ବସ୍ତିରେ ବାସ କରି ଆସୁଥିବାବେଳେ ସେମାନଙ୍କୁ ଥଇଥାନ ନ କରି ହଠାତ ଲକ୍ଷାଧିକ ଟଙ୍କା ପୈଠ କରିବାକୁ ନୋଟିସ ଓ ବସ୍ତି ଉଚ୍ଛେଦର କଣ ଆବଶ୍ୟକ ରହିଛି ବୋଲି ବସ୍ତିବାସୀ ଆରଏମ୍‌ସି କମିଶନର ତଥା ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପ୍ରଶ୍ନ କରିଥିଲେ। ଏ ନେଇ ଆରଏମ୍‌ସି କମିଶନର କୁଲକର୍ଣ୍ଣୀ ଉକ୍ତ ଘଟଣାର ତଦନ୍ତ କରିବା ପରେ ପୁନଃ ବୈଠକରେ ବସ୍ତିବାସୀଙ୍କ ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବିକ୍ଷୋଭରେ ମନଟୋଲା ବସ୍ତିର ସନଜିତ ବରୁଆ, ଲାଲବାନ ଲୁଗୁନ, ଅଜୟ ଖାଲକୋ, ପ୍ରଭା ହାସଁଦା, ଅଞ୍ଜଳି କୁଲୁ, ଗାୟତ୍ରୀ ବେହେରା, ସୁମି ନାୟକ, ବିକାଶ ସେନାର ସଭାପତି ଇଞ୍ଜିନିୟର ନିର୍ମଳ ଦାସ, କୋଷାଧ୍ୟକ୍ଷ ଚକ୍ରାନ୍ତ ଜେନା, ପବନ କାଲଗା, ଲଳିତା ପ୍ରେମସିଲା ଲାକ୍ରା, ବିକାଶ ସେନାର ସମ୍ପାଦକ ମୁକ୍ତିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସୃଷ୍ଟି ମଡେଲ ସ୍କୁଲରେ ଖାଦ୍ୟ, ହସ୍ତକଳା ପ୍ରଦର୍ଶନୀ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ଝିରପାଣିସ୍ଥିତ ସୃଷ୍ଟି ମଡେଲ ସ୍କୁଲରେ ମଙ୍ଗଳବାର ଖାଦ୍ୟ ଓ ହସ୍ତକଳା ପ୍ରଦର୍ଶନୀ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିମଣି ଲାକ୍ରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝିରପାଣି ଥାନା ପ୍ରଭାରୀ ରବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ପଞ୍ଚାୟତର ଏକ୍‌ଜିକ୍ୟୁଟିଭ ଅଫିସର ବିର୍ସା ପ୍ରଧାନ, ସମାଜସେବୀ ବନ୍ଦିତା ମାହାତୋ ଓ ଅଶୋକ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଦର୍ଶନୀ ଛାତ୍ରୀଛାତ୍ରଙ୍କ ଆଭ୍ୟନ୍ତରୀଣ ଶକ୍ତିର ବିକାଶରେ ସହାୟକ ହେବ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ପରେ ଅତିଥିମାନେ ପ୍ରଦର୍ଶନୀ ବୁଲିବା ସହ ପିଲାମାନେ ପ୍ରସ୍ତୁତ କରିଥିବା ଷ୍ଟଲରେ ଖାଦ୍ୟ ସାମଗ୍ରୀର ସ୍ୱାଦ ଗ୍ରହଣ କରିଥିଲେ। ସୌଦାମିନୀ ତନ୍ତୀ, ହରପ୍ରିୟା ଦାସ, କେତକୀ ଠାକୁର, ସବିତା ପୁରୋହିତ, ସସ୍ମିତା ତ୍ରିପାଠୀ, ଚାନ୍ଦିନୀ ଷଡଙ୍ଗୀ, ପ୍ରଜ୍ଞା ବାରିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ ବସଷ୍ଟାଣ୍ଡ ଛକସ୍ଥିତ ଯାତ୍ରୀ ପ୍ରତୀକ୍ଷାଳରେ ସ୍ଥାପିତ ମୃଦୁ ପାନୀୟ ଜଳ ପ୍ରକଳ୍ପ ଏଯାଏ କାର୍ଯ୍ୟକାରୀ ନ ହୋଇ ପଡିରହିଛି। ଫଳରେ ଏଠାକୁ ଆସୁଥିବା ବସ୍ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଜଳ ପ୍ରକଳ୍ପକୁ ତୁରନ୍ତ ମରାମତି କରିବାକୁ ଶିବ ବେବର୍ତ୍ତା, ରାଜୁ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ଇସ୍ପାତ ସହରର ସେକ୍ଟର-୪ ବସଷ୍ଟାଣ୍ଡ ଏକ ପ୍ରମୁଖ ଯାତ୍ରୀବହୁଳ ଛକ। ଏହି ଛକ ଦେଇ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ବସ୍ ଯାତ୍ରା କରୁଥିବା ବେଳେ ଛକ ନିକଟବର୍ତ୍ତୀ ପ୍ରତୀକ୍ଷାଳୟରେ ସହରର ଖବରକାଗଜ ବିତରକ, ହକର୍ସମାନେ ଏକାଠି ହୋଇଥାନ୍ତି। ଏଥିସହିତ ବହୁ ସ୍କୁଲ, କଲେଜର ଛାତ୍ରୀଛାତ୍ର ଯାତ୍ରୀ ପ୍ରତୀକ୍ଷାଳୟରେ ବସ୍‌କୁ ଅପେକ୍ଷା କରନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ହକର୍ସ ଆସୋସିଏଶନ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟରେ ମୃଦୁ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବାକୁ ଦାବି ହେବା ପରେ ତାହା ସ୍ଥାପନ କରାଗଲା। ମାତ୍ର ପ୍ରକଳ୍ପ ସ୍ଥାପନ ହେବା ଦିନଠାରୁ କାର୍ଯ୍ୟକାରୀ ହୋଇପାରିନାହିଁ। ଏଣୁ ଏହାକୁ କାର୍ଯ୍ୟକାରୀ କରାଗଲେ ସାଧାରଣ ଯାତ୍ରୀ, ଖବର କାଗଜ ବିତରକ ଓ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଖବରକାଗଜ ବିତରକ ସଂଘ ପକ୍ଷରୁ କୁହାଯାଇଛି।


କାର୍ଯ୍ୟକାରୀ ହୋଇ ନ ଥିବା ପ୍ରକଳ୍ପ।

## ଜାତୀୟ ପ୍ରଦୂଷଣ ନିରାକରଣ ଦିବସରେ ପରିବେଶ ସଚେତନତା

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ପରିପ୍ରେକ୍ଷୀରେ ଏକ ସଚେତନତା ସଭା ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଅନୁଷ୍ଠିତ ସଚେତନତା ସଭାରେ ୟୁଟିଲିଟି ଓ ପରିବେଶ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ଅଧକ୍ଷତା କରିଥିଲେ। ପରିବେଶର ସ୍ଥାୟିତ୍ୱ ପାଇଁ କାରଖାନାର ପ୍ରତିବଦ୍ଧତା ବିଷୟ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରିବେଶ ବିଭାଗର ଜିଏମ ଇନ୍‌ଚାର୍ଜ ପି. ସି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଏକ ସାରଗର୍ଭକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ଯେଉଁଥିରେ ସ୍ୱଚ୍ଛ ବାୟୁ ଏବଂ ସବୁଜିମା ଭରା ପୃଥିବୀ ସୃଜନ ଲକ୍ଷ୍ୟ ନେଇ ସାମ୍ପ୍ରତିକ ପରିବେଶ ଦୃଶପଟ୍ଟ, ସମ୍ଭାବ୍ୟ ବିପଦ ଏବଂ ପ୍ରଦୂଷଣକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଭିତ୍ତିକ ବିଷୟବସ୍ତୁ ସ୍ଥାନ ପାଇଥିଲା। ପରେ ପରିବେଶ ବିଭାଗ ମହାପ୍ରବନ୍ଧକ ଭି. ଭି. ଆର ମୂର୍ତ୍ତି, କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ପାଇଁ ଆର୍‌ଏସ୍‌ପିର ପ୍ରୟାସ ଉପରେ ଉପସ୍ଥାପନ କରିବା ସହ ପରିବେଶ ପ୍ରଭାବକୁ ଆହୁରି ହ୍ରାସ କରିବାକୁ ଭବିଷ୍ୟତ ରଣନୀତି ବର୍ଣ୍ଣନା କରିଥିଲେ। ଏହି ଅଧିବେଶନରେ ବିଭିନ୍ନ ବିଭାଗର ପ୍ରତିନିଧି ସେମାନଙ୍କ ମତବ୍ୟକ୍ତ କରିବା ସହିତ ଆରଏସପି ପରିସର ଭିତରେ ଓ ବାହାରେ ଏକ ପରିଷ୍କାର ଏବଂ ସବୁଜ ପରିବେଶ ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ନିଜର ମତ ରଖିଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

## ହୋମ୍ ଆଣ୍ଡ୍ ହୋପ୍‌ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ


ଅତନୁ ଭୌମିକ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି (ବାମ)। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପୃଷ୍ଠପୋଷକତାରେ ପରିଚାଳିତ ହୋମ୍ ଆଣ୍ଡ୍ ହୋପ୍‌ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ହୋମ୍ ଆଣ୍ଡ୍ ହୋପ୍‌ର ଅଧକ୍ଷ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତଥା ହୋମ ଆଣ୍ଡ ହୋପ୍‌ର ଉପାଧକ୍ଷ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଅପରେଶନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡା. ଜେ. କେ. ଆଚାର୍ଯ୍ୟ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ଇନଚାର୍ଜ ପି. କେ. ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପିକା ମହିଳା ସଂହତି ଉପାଧକ୍ଷା ପ୍ରଭାତୀ ମିଶ୍ର, ନମ୍ରତା ବର୍ମା, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ୍ ତଥା ହୋମ୍ ଆଣ୍ଡ୍ ହୋପ୍‌ର ଯୁଗ୍ମ ସମ୍ପାଦକ ଡ. ଜି. ଏସ୍. ଦାସ ଏବଂ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଭୌମିକ କହିଥିଲେ, ଦୀର୍ଘ ବର୍ଷ ଧରି ଏହି ଅନୁଷ୍ଠାନର କ୍ରମ ବିକାଶ ଓ ଭିନ୍ନକ୍ଷମମାନଙ୍କୁ ଅନୁଷ୍ଠାନ ପ୍ରଦତ୍ତ ସେବା ପ୍ରତ୍ୟକ୍ଷ ଭାବେ କରାଯାଉଛି। ଏହି ଅନୁଷ୍ଠାନର ଅଭିବୃଦ୍ଧିରେ ଅଧିକ ପ୍ରୋତ୍ସାହନ ପ୍ରଦାନ ପାଇଁ ଆରଏସ୍‌ପିର ପ୍ରତିବଦ୍ଧତାକୁ ସେ ଦୋହାରାଇଥିଲେ। ପରେ ଅତିଥିମାନେ ହୋମ୍ ଆଣ୍ଡ୍ ହୋପ୍‌ର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହାପରେ ସ୍ଥାନୀୟ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ଏବଂ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ହୋମ୍ ଆଣ୍ଡ ହୋପ୍‌ର ଅଧକ୍ଷା ପଦ୍ମିନୀ ଦାସ ସ୍ୱାଗତ ଭାଷଣ ଏବଂ ଡ. ଜି. ଏସ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥ ବିଭାଗର ସିନିୟର ମ୍ୟାନେଜର ତଥା ହୋମ୍ ଆଣ୍ଡ ହୋପ୍‌ର କୋଷାଧକ୍ଷ ନିର୍ମଳ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ସକାଳେ ଭଞ୍ଜ ଭବନଠାରେ ଆର୍‌ଏସ୍‌ପିର ତରୁଣ ମିଶ୍ର ଏକ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପି. କେ ସ୍ୱାଇଁ, ଡ. ଜି. ଡି ଦାସ ଏବଂ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଏଡ୍‌ସ ସଚେତନତା ଶିବିର

ରାଉରକେଲା,୩।୧୨(ଦିନେଶ ମିଶ୍ର): ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏଡ୍‌ସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ ରିବନ୍ କ୍ଲବ ପକ୍ଷରୁ ରଙ୍ଗୋଲି ଓ ପ୍ରାଚୀରପତ୍ର ତିଆରି ସହିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ରେଡ୍ ରିବନ୍ କ୍ଲବର ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଏଡ୍‌ସ୍ ରୋଗ ସମ୍ପର୍କରେ ବିଭିନ୍ନ ବାର୍ତ୍ତା ସମ୍ବଳିତ ପ୍ରାଚୀରପତ୍ର ଓ ରଙ୍ଗୋଲି ତିଆରି କରିଥିଲେ।

## ଇପ୍ସିତା ବିଶ୍ୱାଳଙ୍କୁ କଳିଙ୍ଗ କନ୍ୟା ସମ୍ମାନ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ପ୍ରତିଭା ସମ୍ମାନ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ରାଉରକେଲାର ଇପ୍ସିତା ବିଶ୍ୱାଳଙ୍କୁ କଳିଙ୍ଗ କନ୍ୟା ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଇଞ୍ଜିନିୟରିଂ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ଶହେ ଜଣ ମହିଳାଙ୍କୁ ପୁଷ୍ପଗୁଚ୍ଛ, ଉପଢ୍ୌକନ, ମାନପତ୍ର ଓ କଳିଙ୍ଗ କନ୍ୟା ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଟ୍ରଷ୍ଟି ସଭାପତି ଡାକ୍ତର ଅଶୋକ ମହାପାତ୍ର ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ରାଜ୍ୟର ୩୦ଟି ଜିଲାରୁ ରାଉରକେଲାର ଇପ୍ସିତା ବିଶ୍ୱାଳଙ୍କୁ ଯୋଗ୍ୟ ବିବେଚନା କରି ଅନୁଷ୍ଠାନ ଏହି ପୁରସ୍କାର ପ୍ରଦାନ କରିଥିଲା।



## ୭ରୁ ଓପନ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ଅରିଜିନାଲ ପାୱାର କ୍ଲବ ପକ୍ଷରୁ ଆସନ୍ତା ୭ ତାରିଖରୁ ଓପନ୍ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍ ସେକ୍ଟର-୭ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଅରଜିନାଲ ପାୱାର କ୍ଲବ ପକ୍ଷରୁ ସେକ୍ଟର-୭ ସ୍ଥିତ ରାଇମା କ୍ଲବରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଆର୍‌ୱାଇଏମ୍‌ଏ କ୍ଲବର ସାଧାରଣ ସମ୍ପାଦକ ବାନାର୍ଜୀ ସୂଚନା ଦେଇ କହିଲେ, କ୍ଲବ ପକ୍ଷରୁ ଜିଲାରେ ପ୍ରତିଭାମାନଙ୍କୁ ସୁଯୋଗ ଦିଆଯାଉଛି। ଏପରି ଚାମ୍ପିୟନଶିପ୍ ଦ୍ୱାରା ଶ୍ରେଷ୍ଠ ଖେଳାଳି ଚୟନରେ ସୁବିଧା ହେଉଛି। ଏଥିରୁ ବାହାରିଥିବା ଅନେକ ଖେଳାଳି ରାଜ୍ୟ, ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଏଚ୍‌ପିସିରେ ମୌସୁମୀ ଦାସ, ସଚ୍ଚିନ୍ଦ୍ର କେର୍କେଟା, ରୋହିତ ରାଜ ଭଞ୍ଜ, ଅଳି ସାହୁ, ଲଭ ମହାନନ୍ଦିଆ, କଲ୍ୟାଣୀ ସିଂହ, ଦିଲେଶ୍ୱର ସାହୁଙ୍କ ଭଳି ଖେଳାଳି ରହିଛନ୍ତି। ଆଗାମୀଦିନରେ ଖେଳାଳିମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଉଜାଗର କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା କରାଯାଉଛି। ପ୍ରଥମେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ପ୍ରତିଷ୍ଠିତ ଜିମ୍‌ର ସଦସ୍ୟ ତଥା ବିଭିନ୍ନ ଖେଳାଳିମାନଙ୍କୁ ଏଥିରେ ଅଗ୍ରାଧିକାର ଦିଆଯିବ। ଡିଏଏ ସୁନ୍ଦରଗଡ଼ ସାଧାରଣ ସମ୍ପାଦକ ତଥା ଅଲମ୍ପିକ ସଂଘର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ ତାରିଖ ସକାଳ ୯ଟାରୁ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ବୟସ ସୀମା ନିର୍ଦ୍ଧାରଣ କରାଯାଇଛି ବୋଲି ବାନାର୍ଜୀ କହିଥିଲେ। ଖବରଦାତା ସମ୍ମିଳନୀରେ ଅରଜିନାଲ ପାୱାର କ୍ଲବର ସାଧାରଣ ସମ୍ପାଦକ ଓ.ପି ସିଂହ, ଆର୍‌ୱାଇଏମ୍‌ଏ କ୍ଲବର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ଉମେଶ ସିଂହ, ସୁରେଶ ଶର୍ମା, ଦିଲେଶ୍ୱର ସାହୁ, ରବିନ୍ଦ୍ର ଗଣ୍ଡ, ବାବୁ ଭୁଡିଆ, ସତ୍ୟଜିତ୍ ଆଲବର୍ଟ, ହୃଷୀକେଷ ମହାପାତ୍ର, ଶିବରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କ୍ଲବ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ଭିନ୍ନକ୍ଷମ ସଶକ୍ତୀକରଣ ଏକ ସାମାଜିକ ଦାୟିତ୍ୱ

### ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ମତପ୍ରକାଶ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ଭିନ୍ନକ୍ଷମ କଲ୍ୟାଣ ଅନୁଷ୍ଠାନ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ୍‌ର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଛେଣ୍ଡ ସ୍ଥିତ ଆର୍‌ଆର୍‌ଆର୍‌ସି କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଛେଣ୍ଡ ଥାନା ସମ୍ମୁଖରୁ ଭିନ୍ନକ୍ଷମମାନଙ୍କ ଶୋଭାଯାତ୍ରା ହୋଇଥିଲା। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପୋଲିସ ପ୍ରଶାସନ ଭିନ୍ନକ୍ଷମଙ୍କ ପ୍ରତି ସମ୍ବେଦନଶୀଳ ହେବା ସହିତ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ବୋଲି ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ ଭିନ୍ନକ୍ଷମ ଅଂଶଗ୍ରହଣ କରି ଛେଣ୍ଡ ସ୍ଥିତ ଆର୍‌ଆର୍‌ଆର୍‌ସି ପରିସରରେ ପହଞ୍ଚିବା ପରେ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଦିବସର ଆଭିମୁଖ୍ୟ ଓ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ ଶିଶୁ କଲ୍ୟାଣ କମିଟି ସଦସ୍ୟ ବାଲମୁକୁନ୍ଦ ଶୁକ୍ଳା, ଏସ୍‌ଓଏସ୍ ଶିଶୁ ଗ୍ରାମର ନିର୍ଦ୍ଦେଶିକା ଜ୍ୟୋତ୍ଧିକା ଦାଶ, ଶକ୍ତି ବାହିନୀ ସଭାନେତ୍ରୀ ଶ୍ରଦ୍ଧା ଷଡ଼ଙ୍ଗୀ, ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ, ବବିତା ଶୁକ୍ଳା, ରୋଟାରିଆନ ଆଶିଷ ଜେନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ରଣଧୀର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶାଦୀପ୍‌ର ସବିତା ମହାନ୍ତି, ଅଶୋକ କୁମାର ପଣ୍ଡା, ସବିତା ସାମଲ ଓ ଅଭିଭାବକମାନେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ୧୭ ଜଣ ଭିନ୍ନକ୍ଷମଙ୍କୁ ୩ଟି ହୁଇଲ ଚେୟାର, ୧୧ଟି କୃତ୍ରିମ ଅଙ୍ଗ ଓ ୪ଟି ଟ୍ରାଇ ସାଇକେଲ ବିତରଣ କରାଯାଇଥିଲା। ଆଶାଦୀପ୍‌ର ଦିବ୍ୟାଙ୍ଗ ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଦିବ୍ୟାଙ୍ଗ ଶିଶୁ ଆଶୁତୋଷ ପଣ୍ଡା ବେଲା ବଜାଇ ଭଜନ ପରିବେଷଣ କରିଥିବାବେଳେ ସରିତା ନାୟକ ସଙ୍ଗୀତ ଗାନ କରିଥିଲେ। ଉତ୍ସବରେ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସ୍ଥାର ନିର୍ଦ୍ଦେଶକ ତ୍ରିଲୋଚନ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋନାଲିସା ତ୍ରିପାଠୀ, ପାଏଲ ପୋଦ୍ଦାର, ଆଶିଷ କୁମାର ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବକୁ ଶାନ୍ତନୁ ପଲାଇ, ନାରାୟଣ ମହାନ୍ତ, ହୈମବନ୍ତୀ ନାୟକ, ଚିନ୍ମୟୀ ସାହୁ, ଗୀତା ସାହୁ, ରୋବର୍ଟ ହାଇଫିଲ, ଦମୟନ୍ତୀ ରାଉତ, ଗୌତମ ମହାନ୍ତି, ଯଦୁ ଚରଣ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ସତ୍ୟ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଉଛି।

**ମା' ବୁଢ଼ୀ ସମଲେଇ ମନ୍ଦିର ପାଇଁ ରତ୍ନମୁଦ ଉତ୍ସବ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଜିଲା ଚାଉଁରପୁର ତଳିପଡାରେ ମା' ବୁଢ଼ୀ ସମଲେଇ ମନ୍ଦିର ପାଇଁ ମଙ୍ଗଳବାର ରତ୍ନମୁଦ ଅନୁଷ୍ଠିତ ହୋଇଯାଇଛି। କଳସିଯାତ୍ରା ସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦର ଶିଖରରେ ବିଭିନ୍ନ ରତ୍ନ ଏବଂ ଅନ୍ନ ପ୍ରଦାନ କରାଯାଇ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଗ୍ରାମରେ ମହିଳା କିର୍ତ୍ତନ ବୈଠକୀ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସାଧୁପଡ଼ାରେ ହାତୀ ଉପଦ୍ରବ

ସମ୍ବଲପୁର,୩।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଖାଙ୍କରପାଲି ପଞ୍ଚାୟତ ସାଧୁପଡାରେ ସୋମବାର ରାତିରେ ହାତୀପଲ ବ୍ୟାପକ ଫସଲ କ୍ଷୟକ୍ଷତି କରିଥିବାଅଭିଯୋଗ ହୋଇଛି। ସନ୍ତୋସିନୀ ଭୋଇଙ୍କ କଦଳୀ ବାଡିରେ ପଶି ଗଛ ଭାଙ୍ଗି ପକାଇଛନ୍ତି। ଏହାସହିତ ଅନ୍ୟ ଚାଷୀଙ୍କ ପନିପରିବା ନଷ୍ଟ କରଛନ୍ତି। ଧାନ ଫସଲ ଅମଳ ସମୟ ହୋଇଥିବାରୁ ହାତୀପଲ ରାତିରେ ଖାଦ୍ୟ ପାଇଁ ଜଙ୍ଗଲ ଛାଡି ଗାଁ ମୁହାଁ ହୋଇଛନ୍ତି। ଗତ ଦୁଇଦିନ ହେବ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଥିବା ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି।

### ସୁଇଟ୍‌ରେ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ

ସମ୍ବଲପୁର, ୩।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସୁଇଟ୍‌ରେ ଇନୋଭେସନ କାଉନସିଲ ଦ୍ୱାରା ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ସୁଇଟର ନିର୍ଦ୍ଦେଶକ ଡ. ସୁଦର୍ଶନ ଜେନା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜିତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୂଷଣ ନିୟନ୍ତ୍ରଣର ଆବଶ୍ୟକତା ଉପରେ କହିଥିଲେ। ଶିଳ୍ପ ନିର୍ଗମନ, ଜଙ୍ଗଲ ନଷ୍ଟ, ବର୍ଜ୍ୟବସ୍ତୁ ପରିଚାଳନାର ଅଭାବ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ସେ କହିଥିଲେ। ଏହି ଅବସରରେ ସେ ପରିବେଶ ପ୍ରଦୂଷଣ ପରିସଂଖ୍ୟାନକୁ ଉପସ୍ଥାପନ କରି ଜନସ୍ୱାସ୍ଥ୍ୟ, ଜୈବ ବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗଭୀର ପ୍ରଭାବ ପକାଉଥିବା ବିଷୟ ଉପସ୍ଥାପନ କରିଥିଲେ। ପରିବେଶ ପ୍ରଦୂଷଣ ଯୋଗୁ ଶ୍ୱାସରୋଗ, ହୃଦ୍‌ରୋଗ, କର୍କଟ ରୋଗ ଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଥିବାରୁ ଏହାର ମୁକାବିଲା ପାଇଁ ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟାର ସହଯୋଗ ନେବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହାସହ ସମସ୍ତଙ୍କୁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ଆହ୍ୱାନ କରିଥିଲେ।

### କାର୍ଯ୍ୟାଳୟ ପାଇଁ ଜମି ଦାବି କଲା ଡ୍ରାଇଭର ମହାସଂଘ

ସମ୍ବଲପୁର, ୩।୧୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ଏକ ସ୍ଥାୟି ଅଫିସ ଗୃହ ନିମନ୍ତେ ଆବଶ୍ୟକ ଜମି ପ୍ରଦାନ ପାଇଁ ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଜିଲା ଶାଖା ପକ୍ଷରୁ ଦାବି କରାଯାଇଛି। ସଂଘର ଜିଲା ଉପସଭାପତି ସନାତନ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ଡ୍ରାଇଭର ମହାସଂଘର ସମ୍ବଲପୁର ଶାଖାରେ ୧୫ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ମାତ୍ର ସ୍ଥାୟୀ ଅଫିସ ଗୃହ ନ ଥିବାରୁ ସେମାନଙ୍କ ପାଇଁ ବିଭିନ୍ନ ସଭା, ସମିତି ବ୍ୟତୀତ କୌଣସି ଜନହିତକର କାର୍ଯ୍ୟ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ଆୟୋଜନ କରିବାରେ ବାଧକ ସୃଷ୍ଟି ହେଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଜମି ପ୍ରଦାନ କରାଗଲେ ସେଠାରେ ନିଜସ୍ୱ ପାଣ୍ଠିରୁ ସ୍ଥାୟୀ ଅଫିସ ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି ସଂଘ ଉପସଭାପତି ପରିଡ଼ା। ଜିଲାପାଳ ଦାବିପତ୍ର ଗ୍ରହଣ କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

### ସଭା, ଶୋଭାଯାତ୍ରାରେ ବିଶ୍ୱ ଭିନ୍ନକ୍ଷମ ଦିବସ

ନାକଟିଦେଉଳ, ୩।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୬୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏବଂ ଅଭିଭାବିକା ଅଭିଭାବକ ଯୋଗଦେଇଥିଲେ। ପ୍ରାରମ୍ଭରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଭିନ୍ନକ୍ଷମ ଦିବସ ସମ୍ପର୍କରେ ବିଭିନ୍ନ ସ୍ଲୋଗାନମାନ ଦେଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀବ, ବକ୍ତୃତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଆରଟି ସନ୍ତୋଷ କୁମାର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଭିନ୍ନକ୍ଷମଙ୍କୁ ଉପଯୁକ୍ତ ଥଇଥାନ ଉପରେ ଗୁରୁତ୍ୱ

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
- ସମ୍ବଲପୁରକୁ ଶ୍ରେଷ୍ଠ ଭିନ୍ନକ୍ଷମ ସଶକ୍ତୀକରଣ ରାଜ୍ୟ ପୁରସ୍କାର



ଅତିଥି, ଅଧିକାରୀଙ୍କ ସହ ହୁଇଲ୍ ଚେୟାରରେ ଭିନ୍ନକ୍ଷମମାନେ।

ସମ୍ବଲପୁର,୩।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ତପସ୍ୱିନୀ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି ଓ ସମ୍ମାନିତ ଅତିଥିଭାବେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଯୋଗଦେଇ ଅନ୍ୟ ଅଧିକାରୀଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହର ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ମହାନ୍ତି ଭିନ୍ନକ୍ଷମ ବିକାଶରେ ବିଭିନ୍ନ ବେସରକାରୀ ସଂସ୍ଥା ଓ ସରକାରଙ୍କ ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବେଦଭୂଷଣ ଭିନ୍ନକ୍ଷମଙ୍କ ଉପଯୁକ୍ତ ଥାଇଥାନା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହାନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରି ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ କହିଥିଲେ ଶ୍ରେଷ୍ଠ ନିଯୁକ୍ତିଦାତା ବର୍ଗରେ ସମ୍ବଲପୁର ଜିଲା ପ୍ରଶାସନକୁ ଭିନ୍ନକ୍ଷମଙ୍କ ସଶକ୍ତିକରଣ ରାଜ୍ୟ ପୁରସ୍କାର-୨୪ ମିଳିବା ଆମ ପାଇଁ ଗୌରବର ବିଷୟ। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭରତ ଚନ୍ଦ୍ର ଦାଶ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନକୁ ଅଧିକ ସୁଗମ କରିବା ପାଇଁ ପ୍ରତି ସୋମବାର ମେଡିକାଲ ବୋର୍ଡ ବସୁଥିବା ସୂଚନା ଦେଇଥିଲେ। ଜିଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ବକ୍ତବ୍ୟ ରଖି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ରଶ୍ମିବାଳା ନନ୍ଦ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟାରେ ଅଙ୍ଗନବାଡ଼ି କର୍ମୀଙ୍କ ଗରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରରେ ୮ ଜଣ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଗୋଡ଼, ୧୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ସିଲେଇ ମେଶିନ, ୧୧ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର, ୮ ଜଣଙ୍କୁ ଆଶାବାଡ଼ି, ଗୋଟିଏ ୱାକିଂ ଷ୍ଟିକ୍, ୨ଜଣଙ୍କୁ ମୋବିଲିଟି କ୍ଲାନ, ୪୪ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟନ, ୨ ଭିନ୍ନକ୍ଷମ ଦମ୍ପତ୍ତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପଦକ ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବିନ୍ଦ୍ରନାଥ ଶତପଥୀ ପରିଚାଳନା କରିଥିଲେ। ସକାଳେ ନେଲସନ ମଣ୍ଡେଲା ଛକରୁ ଭିନ୍ନକ୍ଷମମାନଙ୍କ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ଓ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ହୋତା ମିଳିତ ଭାବେ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

## ଅତିରିକ୍ତ ଶିକ୍ଷକ ନିଯୁକ୍ତି ଦାବିକଲା ପରିଚାଳନା କମିଟି

ସମ୍ବଲପୁର, ୩।୧୨(ପ୍ରମୋଦ ବହିଦାର)

ମାତ୍ର ୩ ଜଣ ଶିକ୍ଷକରେ ଚାଲିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତକବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଶିକ୍ଷକଙ୍କ ଅଭାବଜନିତ କାରଣରୁ ଅନେକ ଛାତ୍ରୀଛାତ୍ର ଓ ଅଭିଭାବକ ଏହି ବିଦ୍ୟାଳୟ ପ୍ରତି ବିମୁଖଭାବ ପୋଷଣ କରୁଛନ୍ତି। ଏହି ପରିସ୍ଥିତିରେ ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ଅନ୍ତତଃ ପକ୍ଷେ ଡେପୁଟେସନରେ ୨ଜଣ ଶିକ୍ଷକ ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରିଛି ବିଦ୍ୟାଳୟ ପରିଚାଳନା କମିଟି। ପରିଚାଳନା କମିଟି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ରାଉତଙ୍କ ନେତୃତ୍ୱରେ ସଦସ୍ୟମାନେ ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। କମିଟି ପକ୍ଷରୁ କୁହାଯାଇଛି, ଉକ୍ତ ବିଦ୍ୟାଳୟରେ ୮ଟି ଶ୍ରେଣୀ ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ସହ ୩ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ସେ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ଏଭଳି ପରିସ୍ଥିତିରେ ଅନ୍ୟ ୨ ଶିକ୍ଷକ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କିପରି ପଢାଉଥିବେ ସହଜରେ ଅନୁମେୟ। ଏନେଇ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇ ପାରିନାହିଁ। ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ପରିଚାଳନା କମିଟି ଅଧ୍ୟକ୍ଷା ରାଉତ କହିଛନ୍ତି।

## ଟ୍ରେନ୍ ଯାତ୍ରୀଙ୍କଠାରୁ ମୋଇବାଲ ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର,୩।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ରେଳବାଇ ପୋଲିସ ଜଣେ ମୋବାଇଲ ଚୋରକୁ ଗିରଫ କରି ମଙ୍ଗଳବାର କୋର୍ଟ ଚଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଧନୁପାଲି ଥାନା ସୁନାପାଲିର ସବର କରିମ(୨୭)। ସୋମବାର ବିଳମ୍ବିତ ରାତିରେ ଏର୍ଣ୍ଣାକୁଲମ୍-ଟାଟା ନଗର ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ପଶ୍ଚିମବଙ୍ଗର ରାଜୀବ ପାଲଙ୍କ ମୋବାଇଲ ଚୋରି ନେଇ ସମ୍ବଲପୁର ରେଳବାଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାରରେ ଏକ ମାମଲା ରୁଜୁ କରି ରେଳବାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ଷ୍ଟେଶନର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତ ନିକଟରେ ପହଞ୍ଚି ତାଙ୍କୁ ଗିରଫ କରିବା ସହ ଚୋରି ମୋବାଇଲ ଜବତ କରିଥିଲା।

## ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସକ୍ଷମ ହୋଇପାରିବେ ଭିନ୍ନକ୍ଷମ



ଭିନ୍ନକ୍ଷମ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ରେଢାଖୋଲ, ୩।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ଦୃଢ ଇଚ୍ଛାଶକ୍ତି ଓ ଉତ୍ତମ ମାର୍ଗଦର୍ଶନ ଦ୍ୱାରା ସକ୍ଷମ ହୋଇପାରିବେ ଭିନ୍ନକ୍ଷମ। ସେମାନଙ୍କୁ ଶିକ୍ଷକ ଓ ଅଭିଭାବକ ସଠିକ ମାର୍ଗଦର୍ଶନ ଦେଇପାରିଲେ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରିବେ। ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ତାଲୁକ ଆଇନସେବା ପ୍ରାଧିକରଣ ସମିତି ଓ ଶିକ୍ଷାବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତ ରଖିଛନ୍ତି।

ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଲୁକ ଆଇନସେବା ପ୍ରାଧିକରଣ ସମିତିର୍ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପାର୍ଥସାରଥି ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନସେବା ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଏସ୍‌ଡିଜେଏମ ହୃଷୀକେଶ ଖେମୁଣ୍ଡୁ ଭିନ୍ନକ୍ଷମମାନଙ୍କ ଭିତରେ ରହିଥିବା ପ୍ରତିଭାକୁ ବିକଶିତ କରିବାକୁ ଶିକ୍ଷକ ଓ ଅଭିଭାବକ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଗୌରଚନ୍ଦ୍ର ହାଇସ୍କୁଲ ପ୍ରଧାନଶିକ୍ଷକ ବେଣୁଧର ବରିହା ଶିକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଯୋଗାଇଦିଆଯାଉଥିବା ସୁବିଧା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, ବରିଷ୍ଠ ଓକିଲ ଶିବପ୍ରସାଦ ପ୍ରଧାନ, ରିଟେନର ସୁଜିତ କୁମାର ପ୍ରଧାନ, ଏବିଇଓ ଯାଜ୍ଞସେନୀ ନାଏକ, ବିଜ୍ଞାନ ଶିକ୍ଷକ ବିଜୟ କୁମାର ପ୍ରଧାନଶିକ୍ଷକ ଯୁଧିଷ୍ଠିର ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ସଭା ପରିଚାଳନା, ଇଶ୍ୱରଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ବହୁ ଭିନ୍ନକ୍ଷମ ଛାତ୍ରୀଛାତ୍ର, ଅଭିଭାବକ, ଓକିଲ ସଂଘର ସଭ୍ୟ, କୋର୍ଟ କର୍ମଚାରୀ ଯୋଗଦେଇଥିଲେ।

## ଦାବି ସମ୍ପର୍କରେ ଠିକଣା ସମୟରେ ନିଷ୍ପତ୍ତି ପ୍ରତିଶ୍ରୁତି

### ଉପମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀଙ୍କ ସହ କେନ୍ଦୁପତ୍ର କର୍ମଚାରୀ ସଂଘର ଆଲୋଚନା

ସମ୍ବଲପୁର,୩।୧୨(ବି.ଶଙ୍କର)


ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କେନ୍ଦୁପତ୍ର କର୍ମଚାରୀଙ୍କ ବହୁବିଧ ସମସ୍ୟା ରହିଛି। କିନ୍ତୁ ଦୀର୍ଘ ବର୍ଷ ହେବ ସମସ୍ୟାଗୁଡିକର ସମାଧାନ ହୋଇପାରୁ ନାହିଁ। ଏଥିସହ ଦାବିଗୁଡିକ ମଧ୍ୟ ପୂରଣ ହୋଇପାରୁ ନାହିଁ। ଏନେଇ ଦୁଇଟି ପର୍ଯ୍ୟାୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସଚିବାଳୟ ପ୍ରକୋଷ୍ଠ ଏବଂ ବିଧାନସଭା ଅଫିସ ପ୍ରକୋଷ୍ଠରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ୍ ଆଲୋଚନା କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗ ତଥା ଘରୋଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଦେବିଦତ୍ତ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି, ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ସଂଘର ତାଲିମ ତଥା ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ଯୁବ ଶାଖା ସଂଯୋଜକ ଆକାଶ ଦେବତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ଦାବି ଉପସ୍ଥାପିତ କରିଥିଲେ। ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ବୃଦ୍ଧି, ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ କେଏଲଡିବି ବୈଠକ ଆହ୍ୱାନ କରିବା, ବନ୍ଧେଇ ଶ୍ରମିକଙ୍କ ପିସରେଟ ମଜୁରି ଓ ତୋଳାଳିଙ୍କ କେନ୍ଦୁପତ୍ର ଦର ବୃଦ୍ଧି, ହେଡଚେକର ପଦବୀ ପୂରଣ, ବୋନସ ସହିତ ବିଭିନ୍ନ ସାମାଜିକ ନିରାପତ୍ତା ମୂଳକ ଆର୍ଥିକ ସହାୟତା, ଗୋଛା କଟେଇ କାର୍ଯ୍ୟକୁ ଆହୁରି ଶକ୍ତିଶାଳୀ କରିବା, ନବରଙ୍ଗପୁର, ଜୟପୁର ଓ ଖଡ଼ିଆଳ ଡିଭିଜନର ଫାଲ ଏରିଆକୁ ପ୍ରୋସେସିଂ ଏରିଆରେ ପରିଣତ କରିବା ପ୍ରଭୃତି ଦାବି ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯାଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ। ସଂଘ ସଭାପତି ମଙ୍ଗଳବାର ପ୍ରେସ ବିବୃତ୍ତିରେ ଏ ନେଇ ସୂଚିତ କରିଛନ୍ତି।

## ଭିନ୍ନକ୍ଷମ ଶିଶୁଙ୍କୁ ସ୍ୱାବଲମ୍ବୀ କରିବା ପ୍ରଥମ ଦାୟିତ୍ୱ

କୁଚିଣ୍ଡା,୩।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ମଙ୍ଗଳବାର ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ତଥା ବିଦ୍ୟାଳୟ ଅଧକ୍ଷ ଗୌରବମୟ ପ୍ରଧାନ ଏଥିରେ ସଭାପତିତ୍ୱ କରି ଅନୁଷ୍ଠାନର ଉନ୍ନତିସହ ଭିନ୍ନକ୍ଷମ ଶିଶୁଙ୍କୁ ସ୍ୱାବଲମ୍ବୀ କରିବା ଆମର ପ୍ରଥମ ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ ରାଜକିଶୋର ଲେଙ୍କା ମୁଖ୍ୟଅତିଥି, ଏସ୍‌ଡିଜେଏମ ଅବିନାଶ ଚିନାରା ମୁଖ୍ୟବକ୍ତା, ବିଡ଼ିଓ ଜୟନ୍ତ ସାହୁ, ତାଲୁକ ଆଇନ ସହାୟତ ସମିତି ସଦସ୍ୟ ଡା.ଶରତ ଚନ୍ଦ୍ର ଗୌନ୍ତିଆ, ସିଡିପିଓ ରାଜଶ୍ରୀ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

**ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ**

ଅତିଥିମାନେ ଭିନ୍ନକ୍ଷମ ଶିଶୁଙ୍କ ସୁରକ୍ଷା ଓ ଯତ୍ନସହ ସେମାନଙ୍କୁ ଉତ୍ତମ ଭାବେ ଗଢିତୋଳି କର୍ମସଂସ୍ଥାନ ମାନଙ୍କରେ କାର୍ଯ୍ୟକ୍ଷମ କରାଇବା ଉପରେ ବକ୍ତବ୍ୟ ଦେଇଥିଲେ। ଏହାଛଡା ଏହି ଶ୍ରେଣୀର ଶିଶୁଙ୍କ ଭବିଷ୍ୟତ ଦୃଷ୍ଟିରୁ ମାତାପିତାଙ୍କ ମଧ ଦାୟିତ୍ୱ ଥିବାରୁ ସେମାନେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସାନ୍ତନୁ ସାହୁ ବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଶିଶୁଙ୍କ ପାଇଁ କାମ କରୁଥିବା ଆରତୀ ନାୟକ, ଗୌରୀ ବନଛୋର ଓ ମିଲି ବାଦୀଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ। ପରେ ଭିନ୍ନକ୍ଷମ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ସମ୍ବଲପୁର,୩।୧୨ (ଭବାନୀ ଶଙ୍କର ଭୋଇ)




ସମ୍ବଲପୁର କୋର୍ଟ ପରିସରରେ ଥିବା ଅଧିବକ୍ତା ପ୍ରକୋଷ୍ଠରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା ମୁଖ୍ୟ ଅତିଥି, ନିଖିଳ ଓଡିଶା ଆଇନଜୀବୀ ସଂଘର ପୂର୍ବତନ ସଭାପତି ପ୍ରମୋଦ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧିବକ୍ତା ପରିଷଦ ସଭାପତି ଦିଲୀପ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅରବିନ୍ଦ ନାୟକ, ରବି ପୂଜାରୀ, କ୍ଷେତ୍ରମୋହନ ବେଉରିଆ, ରାଜିବ ଶତପଥୀ, ପ୍ରମୋଦ ପାଢ଼ୀ, ସିଦ୍ଧାର୍ଥ ସାହୁ, ପ୍ରଦୀପ ସୁପକାର, କାହ୍ନୁଚରଣ ଷଡଙ୍ଗୀ ପ୍ରମୁଖ ଭାରତୀୟ ସମ୍ବିଧାନ ଦେଶର ପ୍ରଗତିରେ କିଭଳି ସହାୟକ ହେଉଛି ମତ ରଖିଥିଲେ। ସମ୍ବିଧାନ ସଂଶୋଧନ କରାଯାଇ ଏହାକୁ ଅଧିକ ମାର୍ଜିତ କରାଯାଇଥିବା ବକ୍ତା ମାନେ ମତ ଦେଇଥିଲେ।

## ଖଳାରେ ଜଳିଗଲା ୫ଶହ ପ୍ୟାକେଟ ଧାନ

ସମ୍ବଲପୁର,୩।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁରଠାରେ ସୋମବାର ରାତିରେ ମନୋଜ ବାରିକଙ୍କ ଧାନଖଳାରେ ନିଆଁ ଲାଗି ୭ଏକର ଜମିର ଧାନଫସଲ ଜଳିଯାଇଛି। ରାତିରେ କୌଣଷି କାରଣରୁ ନିଆଁ ଲାଗି ଯାଇଥିବା ଖବର ପଇ ମାନେଶ୍ୱର ଓ ରେଙ୍ଗାଲିରୁ ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ସେତେବେଳକୁ ଅମଳ ହୋଇଥିବା ୫୦୦ ପ୍ୟାକେଟ ଧାନ ସହ ଅମଳ ହେବାକୁ ଥିବା ଥାନ ଜଳିଯାଇଥିଲା। ଶାସନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ମାନେଶ୍ୱର ବ୍ଲକ କୃଷି ଅଧିକାରୀ, ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ପରମାଣପୁର ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରଥିଲେ।

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳିତ

ସମ୍ବଲପୁର,୩।୧୨(ବି.ଶଙ୍କର)

ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରକ କମ୍ପାନୀ(ଟିପିଡବ୍ଲୁଓଡିଏଲ) ସିଏସଆର ବିଭାଗ ପକ୍ଷରୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ସମ୍ବଲପୁର ସହର ସହୀଦ ସ୍ତମ୍ଭ ନିକଟରେ ପାଳିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ମଳୟ ରଞ୍ଜନ ମହାନନ୍ଦ, ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପରିବେଶର ସୁରକ୍ଷା ସମସ୍ତଙ୍କର ସାମଗ୍ରିକ କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଏମ୍‌ୟୁ ପରିବେଶ ବିଜ୍ଞାନ ବିଭାଗ ଛାତ୍ର ଏବଂ ଟିପିଡବ୍ଲୁଓଡିଏଲ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରାର୍ଥୀମାନେ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ପଥଚାରୀମାନଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ନେଇ ସଚେତନ କରିଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ ପ୍ରଦୂଷଣର ମୁକାବିଲା ତଥା ପରିବେଶ ସୁରକ୍ଷା ପାଇଁ ଜରୁରୀ ଆବଶ୍ୟକତା ଉପରେ ଉପସ୍ଥିତ ଜନସାଧାରଣଙ୍କ ହୃଦୟ ଏବଂ ମନ ଜିଣିଥିଲେ।



ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସରେ ସଚେତନ ଶୋଭାଯାତ୍ରା।

## ମଣ୍ଡିରୁ ଉଠୁନି ଧାନ, ଜଗି ବସିଛନ୍ତି ଚାଷୀ

କୁଚିଣ୍ଡା,୩।୧୨(ବିରଞ୍ଚି ଦର୍ଶା)


ଚାଷୀମାନେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଧାନକିଣାର ଷଷ୍ଠଦିନରେ ବି ଅବ୍ୟବସ୍ଥା ଲାଗି ରହିଛି। ସୋମବାର କୁଚିଣ୍ଡା ବ୍ଲକର ବକ୍ସମା ମଣ୍ଡିକୁ କୌଣସି ମିଲର ନ ଆସିବାରୁ ଧାନକ୍ରୟ ହୋଇ ପାରି ନ ଥିଲା। ଫଳରେ ଚାଷୀ ବିକ୍ରି ପାଇଁ ଆଣିଥିବା ଧାନକୁ ଓହ୍ଲାଇ ଦେଇ ଶୀତକାକରରେ ଜଗି ରହିଛନ୍ତି। ଚଳିତବର୍ଷ ଗତ ୨୭ରୁ କୁଚିଣ୍ଡା ଉପଖଣ୍ଡରେ ଧାନକ୍ରୟ ଆରମ୍ଭ ହୋଇଛି। ପ୍ରଥମ ଦିନ ବକ୍ସମା ମଣ୍ଡିକୁ ୪ଜଣ ଚାଷୀଙ୍କ ୫୮୪ ପ୍ୟାକେଟ ଧାନ ଆସିଥିଲା। କ୍ରୟକାରୀ ସଂସ୍ଥା କୁଚିଣ୍ଡା ଲ୍ୟାମ୍ପସ୍‌କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତଦିନ ମଣ୍ଡିକୁ ଧାନକ୍ରୟ ନିମନ୍ତେ ଜଣେ ହେଲେ ମିଲର୍ସ ନ ଆସିବାରୁ କ୍ରୟ ହୋଇ ପାରି ନ ଥିଲା। ଫଳରେ ଚାଷୀମାନେ ବାଧହୋଇ ଧାନକୁ ମଣ୍ଡିରେ ଓହ୍ଲାଇ ଦେଇ ଜଗି ରହିଥିଲେ। ଆରଏମ୍‌ସି ପକ୍ଷରୁ ଯାଞ୍ଚ ପାଇଁ ଆସିଥିବା କର୍ମଚାରୀ ଧାନର ମାନ ପରୀକ୍ଷା କରି ଏଫଏକ୍ୟୁ ନ ଥିବା ଦର୍ଶାଇ ୪ କେଜି ପର୍ଯ୍ୟନ୍ତ କଟ୍‌ନି ହେବ ବୋଲି କହିଥିଲେ। ମାତ୍ର ଚାଷୀମାନେ ଏହାର ତୀବ୍ର ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଆରଏମ୍‌ସି ପକ୍ଷରୁ ଏନ୍‌ଲାଇଜର ମେଶିନ ଆଣି ଧାନ ପରୀକ୍ଷା କରିବାରେ ଅଧିକ ଧାନ କଟିବ ବୋଲି କହିବାରୁ ଚାଷୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ କୁଚିଣ୍ଡା ବ୍ଲକର ବିଭିନ୍ନ ମଣ୍ଡିରୁ ଧାନକ୍ରୟ ସ୍ୱାଭାବିକଭାବେ ଚାଲିଥିବା ବେଳେ ବକ୍ସମା ମଣ୍ଡିରୁ ଧାନ ଉଠାଇବାକୁ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ବକ୍ସମା ପଞ୍ଚାୟତର ଜୟ ଜଗନ୍ନାଥ ଚାଷୀ ସଙ୍ଗଠନ ପକ୍ଷରୁ ଏଭଳି କଟ୍‌ନିକୁ ବିରୋଧ କରାଯାଇଛି। ଚାଷୀନେତା ଧନୀରାମ ପୃଷେଠଙ୍କ ନେତୃତ୍ୱରେ ସୋମବାର ଶୀଘ୍ର ଧାନ ଉଠାଇବା ଦାବି କରି କୁଚିଣ୍ଡା ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ।

**ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

